RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୯୧ Issue- 91
ଭୁବନେଶ୍ୱର, ଶୁକ୍ରବାର ୧୪ ଜୁନ୍ ୨୦୧୯
Bhubaneswar, Friday 14 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ୟୁନିସେଫ୍ ପକ୍ଷରୁ ପ୍ରିୟଙ୍କାଙ୍କୁ ଡାନେ କାୟେ ହ୍ୟୁମାନିଟାରିୟାନ୍ ଆୱାର୍ଡ

# ମହାକାଶର ସୁପର ପାୱାର ହେବ ଭାରତ

# ତିଆରି କରିବ ସ୍ପେସ୍ ଷ୍ଟେସନ୍

ନୂଆଦିଲ୍ଲୀ, ୧୩।୬: ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଦିନକୁ ନୂଆ ନୂଆ ସଫଳତା ପାଇବାରେ ଲାଗିଛି। ଗୋଟିଏ ସଫଳତା ପାଇବା ପରେ ଆଉ ଏକ ନୂଆ ଉଚ୍ଚାଭିଳାଷୀ ଲକ୍ଷ୍ୟ ସ୍ଥାପନ କରାଯାଉଛି। ଆଜି ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଘୋଷଣା କରିଛି ଯେ ଏହା ମହାକାଶରେ ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ବା ସ୍ପେଶ ଷ୍ଟେସନ ସ୍ଥାପନ କରିବ। ଆଜି ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଏସଂପର୍କରେ ସୂଚନା ଦେଇଛନ୍ତି। ଭାରତ ନିଜର ମାନବ ମିଶନକୁ ନିୟମିତ କରିବାକୁ ଚାହୁଁଛି। ଏଥିପାଇଁ ମହାକାଶରେ ଏକ ସ୍ପେଶ ଷ୍ଟେସନ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ଭାରତ ଆସନ୍ତା ଜୁଲାଇ ୧୫ରେ ନିଜର ଚନ୍ଦ୍ରାଯାନ ମହାକାଶକୁ ଛାଡିବ। ଏହି ଯାନ ଚନ୍ଦ୍ରର ଦକ୍ଷିଣମେରୁରେ ଓହ୍ଲାଇବ। ଏହା ପରେ ୨୦୨୨ ସୁଦ୍ଧା ମହାକାଶକୁ ମଣିଷ ପଠେଇବାକୁ





ଭାରତ ଲକ୍ଷ୍ୟ ରଖିଛି। ମହାକାଶରେ ସ୍ପେଶ ଷ୍ଟେସନ ପ୍ରତିଷ୍ଠା କରିବା ପରେ ସେଠାରେ ଭାରତର ମହାକାଶଚାରୀମାନେ କିଛି ଦିନ, ସପ୍ତାହ ଏପରିକି କିଛି ମାସ ପାଇଁ ରହିପାରିବେ। ପୂର୍ବରୁ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରେ ଭାରତୀୟ ବଂଶୋଦ୍ଭବ ସୁନୀତି ୱିଲିୟମ୍ସ ରହିଥିଲେ।

ଏହା ପୂର୍ବରୁ ସରକାର ଓ ଇସ୍‌ରୋ ମିଳିତ ଭାବେ ସୂଚନା ଦେଇଥିଲେ ଯେ, ଜୁଲାଇ ୧୫ରେ ପ୍ରକ୍ଷେପଣ ହେବାକୁ ଥିବା ମିଶନ୍ ଚନ୍ଦ୍ରଯାନ-୨ ସହିତ ଭାରତର ନଜର ଏବେ ସୂର୍ଯ୍ୟ ଏବଂ ବୁଧ ପର୍ଯ୍ୟନ୍ତ ରହିଛି। ମିଶନ ଚନ୍ଦ୍ରଯାନର ମୋଟ ବଜେଟ୍ ହେଉଛି ୧୦ ହଜାର କୋଟି। ଭାରତର ମହତ୍ତ୍ୱାକାଂକ୍ଷୀ ସ୍ପେସ୍ ପ୍ରୋଜେକ୍ଟ ବିଷୟରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ଗତ କିଛି ସମୟରେ ଭାରତ ମହାକାଶ କ୍ଷେତ୍ରରେ ଅନେକ ପ୍ରସିଦ୍ଧ ଲାଭ କରିଛି।

ଉଲ୍ଲେଖଯୋଗ୍ୟ, ଚନ୍ଦ୍ରଯାନ-୨କୁ ଜୁଲାଇ ୧୫ ରାତି ୨ଟା ୫୧ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ପ୍ରକ୍ଷେପଣ କରାଯିବ। ଏହା ଜିଏସ୍‌ଏଲ୍‌ଭି ମାର୍କ-୩ ରକେର୍ଟ ସହିତ ମହାକାଶକୁ ଯିବ। ଇସ୍ରୋ ଅଧ୍ୟକ୍ଷ କେ. ଶିବମ୍ ଭବିଷ୍ୟତର ଯୋଜନା ବିଷୟରେ କହିଛନ୍ତି ଯେ, ଭାରତୀୟ ମହାକାଶ ବିଜ୍ଞାନ ସୂର୍ଯ୍ୟ, ବୁଧ ପରି ଗ୍ରହ ପର୍ଯ୍ୟନ୍ତ ଲକ୍ଷ୍ୟ ନିର୍ଦ୍ଧାରିତ କରିଛି।

# ଏଣିକି ସମସ୍ତ ବିଶ୍ୱବିଦ୍ୟାଳୟରେ ଏକକ ସିଲାବସ୍



ଭୁବନେଶ୍ୱର, ୧୩।୬ (ନି.ପ୍ର.): ରାଜ୍ୟର ସମସ୍ତ ଅଣ୍ଡର ଗ୍ରାଜୁଏଟ୍‌ଙ୍କ ପାଇଁ ଚଳିତ ଶିକ୍ଷାବର୍ଷରୁ ଏକକ ସିଲାବସ୍ ଲାଗୁ କରାଯିବ। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ଅତିଶୀଘ୍ର ପୂରଣ ହେବ ବୋଲି ବିଶ୍ୱ ବିଦ୍ୟାଳୟ ଭିସିଙ୍କ ସହ ବୈଠକ ପରେ ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ।

ଆଜି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଭିସିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ଏକକ ସିଲାବସ୍ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସହ ଉଚ୍ଚ ଶିକ୍ଷା ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଠକରେ ଚର୍ଚ୍ଚା ହୋଇଥିଲା। ରାଜ୍ୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀଗୁଡିକ ଖୁବ୍ ଶୀଘ୍ର ପୂରଣ କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

ସେହିଭଳି ୧୦୦ ଜଣ ଚାତ୍ରଙ୍କ ସିଭିଲ୍ ସର୍ଭିସ୍ ପାଇଁ ତାଲିମ୍ ଏବଂ କୋଚିଂ ଦିଆଯିବ। ତେବେ ଏଥିପାଇଁ ଅଦ୍ୟାବଧି ୮୬ ଜଣ ଛାତ୍ର ଏଥିପାଇଁ ଆବେଦନ କରିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

# ସମଲ ବ୍ୟାରେଜ୍‌ରେ ବୁଡ଼ି ୨ ମୃତ



ଅନୁଗୋଳ, ୧୩।୬ (ନି.ପ୍ର): ତାଳଚେର ନିକସ୍ଥ ସାମଲ ବ୍ୟାରେଜକୁ ଗାଧୋଇବାକୁ ଯାଇ ଗୁରୁବାର ୨ ଜଣ ଯୁବକ ଜୀବନ ହରାଇଛନ୍ତି। ସୂଚନା ଅନୁସାରେ ବିନୋଦ ନାଏକଙ୍କ ପୁଅ ବିଶ୍ୱରଞ୍ଜନ ନାଏକ (୨୭) ଓ କେଦାର ମହାରଣାଙ୍କ ପୁଅ କାହ୍ନୁଚରଣ ମହାରଣା (୨୭) ଗାଧୋଇବା ସମୟରେ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ବିଶ୍ୱରଞ୍ଜନ ଓ କାହ୍ନୁଚରଣଙ୍କ ସହିତ ଅନ୍ୟ ୩ ଜଣ ଯୁବକ ମଧ୍ୟ ଆଜି ଅପରାହ୍ନ ୨ଟା ୩୦ରେ ଗାଧୋଇବାକୁ ଯାଇଥିଲେ। ଏମାନେ ସମସ୍ତ ଓପିଟିସିଏଲ୍ ଟରବାଇନ୍‌ର ପାଣି ଯେଉଁଠି ପଡୁଛି, ସେଠାରେ ଗାଧୋଉଥିଲେ ଯେଉଁଠାରେ କି ପାଣିର ଗଭୀର ପ୍ରାୟ ୨୦ ଫୁଟ ହେବ। ଉଭୟ ଯୁବକ ପହଁରିବା ଶିଖି ନଥିବାରୁ ବୁଡି ଯାଇଥିଲେ। ଣେ ସାଙ୍ଗ ବିଜୟ ମହାନ୍ତି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ। ବ୍ରାହ୍ମଣୀ ନଦୀରେ ଥିବା ଓପିଟିସିଏଲ୍ ପ୍ରକଳ୍ପ ନିକଟରେ ଏହି ଘଟଣା ଘଟିଛି। ନଦୀରେ ଗାଧୋଉଥିବା ଅନ୍ୟ ଲୋକମାନେ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ମିଶି ମୃତଦେହଗୁଡିକ ଉଦ୍ଧାର କରିଛନ୍ତି। ମୃତଦେହଗୁଡିକ ପୋଷ୍ଟମର୍ଟମ ପାଇଁ ହସ୍‌ପିଟାଲ ପଠାଇ ଦିଆଯାଇଛି।

# ରଥଯାତ୍ରା ପାଇଁ ୩ୟ ସମନ୍ୱୟ ବୈଠକ



ପୁରୀ, ୧୩।୬ (ନି.ପ୍ର.): ଚଳିତ ବର୍ଷ ରଥଯାତ୍ରାର ତୃତୀୟ ସମନ୍ୱୟ ବୈଠକ ନୀଳାଦ୍ରି ଭକ୍ତ ନିବାସରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଏଥିରେ ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ନୀଳାଦ୍ରିବଜେ ସମ୍ପର୍କରେ ଆଲୋଚନା ହେବ। ଏହି ସମୟରେ ପ୍ରଶାସନିକ ବ୍ୟବସ୍ଥା କିଭଳି ଶୃଙ୍ଖଳିତ ଭାବେ ହୋଇପାରିବ ସେ ସଂପର୍କରେ ଆଲୋଚନା କରାଯିବ। ବିଶେଷକରି ରାସ୍ତାଘାଟ, ସ୍ୱାସ୍ଥ୍ୟ ପରିମଳ, ବିଦ୍ୟୁତ ସେବା, ପରିବହନ, ରେଳ ଚଳାଚଳ, ଯାତ୍ରୀଙ୍କ ରହଣି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏତଦ୍ ବ୍ୟତୀତ ଯଥ ନିର୍ମାଣଠାରୁ ରଥ ଦଉଡି ଯୋଗାଣ, ରଥଯାତ୍ରାର ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା, ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବୈଠକ ପୂର୍ବରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ଥିବାରୁ ଏଥିରେ ବିଭିନ୍ନ ବିଭାଗର ମନ୍ତ୍ରୀ ଉପସ୍ଥିତ ଥିଲେ। ଫନି ବାତ୍ୟା ଯୋଗୁଁ ସହରରେ ଠପ୍ ହୋଇଥିବା ବିଦ୍ୟୁତ ସେବା ଯଦିଓ ପୁରୀ ସହରକୁ ଆସିଯାଇଛି, ମାତ୍ର ଗ୍ରାମାଞ୍ଚଳରେ ଯଦି ନ ଆସିବ ଯାତ୍ରା ମାହୋଲ ଫିକା ପଡିଯିବାର ସମ୍ଭାବନା ରହିଛି। ଏଣୁ ବୈଠକରେ ଏ ନେଇ ମଧ ଗୁରୁତ୍ୱ ଦିଆଯାଇପାରେ ବୋଲି ଆଶା କରାଯାଉଛି।

# ଜୁଲାଇ ୮ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ



ଭୁବନେଶ୍ୱର, ୧୩।୬ (ନି.ପ୍ର.): ଆସନ୍ତା ଜୁଲାଇ ୮ ତାରିଖରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେବ। ଏହା ୧୪ ତାରିଖରେ ଶେଷ ହେବ। ମାତ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୬ ତାରିଖ ଯାଏଁ ଚାଲିବ। ସକାଳ ୯ଟାରୁ ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ ରାମଶିଷ ହାଜରା ସୂଚନା ଦେଇଛନ୍ତି। ଏହି ପରୀକ୍ଷା ଲାଗି ଫର୍ମ ପୂରଣ ଶେଷ ହୋଇନାହିଁ। ତେଣୁ କେତେ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ସ୍ପଷ୍ଟ ହୋଇପାରି ନାହିଁ। ପରୀକ୍ଷାକୁ ତ୍ୱରାନ୍ୱିତ କରାଯାଉଛି। ଫଳରେ ଛାତ୍ରଛାତ୍ରୀଙ୍କ ଗୋଟିଏ ବର୍ଷ ନଷ୍ଟ ହେବ ନାହିଁ। ଠିକ୍ ସମୟରେ ପରୀକ୍ଷା ଫଳ ବାହାରିବା ସହ ନୂଆ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ।

# ବର୍ଷାରେ ଧୋଇଗଲା ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍





ନୂଆଦିଲ୍ଲୀ, ୧୩।୬: ଚଳିତ ବିଶ୍ୱକପ୍‌ରେ ଆଜି ଭାରତୀୟ ଦଳ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଥିବା ବେଳେ ପୁଣି ଖଳନାୟକ ସାଜିଛି ବର୍ଷା। ପ୍ରବଳ ବର୍ଷା ଯୋଗୁଁ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ ହୋଇଯାଇଛି। ଲଗାଣ ବର୍ଷା ଫଳରେ ଷ୍ଟାଡିୟମ୍ ଜଳମଗ୍ନ ଥିଲା। ପ୍ରାୟ ୪ ଥର ଫିଲ୍ଡ ପରିଦର୍ଶନ କରିବା ପରେ ମ୍ୟାଚ୍ ରେଫରୀ ରଞ୍ଜନ ମଦୁଗୁଲେ ମ୍ୟାଚ୍ ବାତିଲ ହେଲା ବୋଲି ଘୋଷଣା କରିଥିଲେ। ମ୍ୟାଚ୍ ବାତିଲ ପରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ଫଳରେ ନ୍ୟୁଜିଲାଣ୍ଡ ମୋଟ ୭ ପଏଣ୍ଟରେ ପହଞ୍ଚିଥିବା ବେଳେ ଭାରତ ୫ ପଏଣ୍ଟରେ ରହିଛି।

ଗୋଟିଏ ବିଶ୍ୱକପ୍‌ରେ ଏତେ ସଂଖ୍ୟକ ମ୍ୟାଚ୍ ବାତିଲ ହେବା ଏହା ପ୍ରଥମ ଘଟଣା ହୋଇଛି। ଏବେ ସୁଦ୍ଧା ୩ଟି ମ୍ୟାଚ୍ ବାତିଲ ହୋଇସାରିଲାଣି।

# ରାଜ୍ୟର ୭ ସହରରେ ପାରଦ ଡେଇଁଲା ୪୦°



ଭୁବନେଶ୍ୱର, ୧୩।୬ (ନି.ପ୍ର.): ରାଜ୍ୟର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଜି ରାଜ୍ୟରେ ୭ ସହରରେ ୪୦ ° ଉପରେ ତାପମାତ୍ରା ରହିଛି। ସୁନ୍ଦରଗଡ଼ ତାପମାତ୍ରା ସର୍ବାଧିକ ୪୩° ରହିଥିବା ବେଳେ ଗୋପାଳପୁରର ତାପମାତ୍ରା ସର୍ବନିମ୍ନ ୩୧.୫° ରହିଛି। ସେହିପରି ଟିଟିଲାଗଡ଼ ତାପମାତ୍ର ୪୩°, ତାଳଚେର ୪୧.୮°, ମାଲକାନଗିରି ୪୧.୮°, ବଲାଙ୍ଗୀର ୪୦.୫°, ସୋନପୁର ୪୦.୨° ରହିଥିବା ବେଳେ ଝାରସୁଗୁଡାରେ ୪୦° ପାରଦ ରେକର୍ଡ କରାଯାଇଛି। ସମବଲପୁରରେ ୩୯.୨, ହୀରାକୁଦ-୩୯°, ଅନୁଗୋଳ-୩୭.୧°,, ଫୁଲବାଣୀ ୩୭°, ଚାନ୍ଦବାଲି-୩୬.୪°, ବାଲେଶ୍ୱର ୩୬°, କେନ୍ଦୁଝର-୩୬°, ଦାରିଙ୍ଗବାଡି-୩୫.୫°, କୋରାପୁଟ-୩୫° ଏବଂ ଭୁବନେଶ୍ୱର ତାପାମତ୍ରା ୩୪.୭° ରହିଛି। ସେହିପରି ପାରଦ୍ୱୀପରେ ୩୪° ଏବଂ ପୁରୀରେ ୩୧.୬° ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ଜଣାପଡିଛି।

# ରଷିଆଠାରୁ ଆର୍-୭୩ ଓ ଆର୍-୭୭ ମିସାଇଲ୍ କିଣିବ ଭାରତ

ନୂଆଦିଲ୍ଲୀ, ୧୩।୬ : ଭାରତୀୟ ବାୟୁସେନାର ବାଲାକୋଟ ଏୟାର ଷ୍ଟ୍ରାଇକ୍ ପରେ ଭାରତୀୟ ଆକାଶ ସୀମା ମଧ୍ୟରେ ଉଭୟ ଦେଶର ବାୟୁସେନା ମଧ୍ୟରେ ଯେଉଁ 'ଡଗ୍ ଫାଇଟ୍' ହେଲା, ତାହାକୁ ଦୃଷ୍ଟିରେ ରଖି ଏବେ ମୋଦି ସରକାର ଏବେ ରଷିଆ ଠାରୁ କିଛି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର କିଣିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜାଣିବାକୁ ମିଳିଛି। ଏହି କ୍ରମରେ ମୋଦି ସରକାର ଭାରତୀୟ ବାୟୁସେନା ପାଇଁ ଆକାଶ ମାର୍ଗରୁ ଆକାଶ ମାର୍ଗରେ (ଏୟାର ଟୁ ଏୟାର) ନିକ୍ଷେପ କରାଯାଇ କାରୁଥିବା ୩୦୦ଟି ସ୍ୱଳ୍ପ ଦୂରଗାମୀ ଆର-୭୩ କ୍ଷେପଣାସ୍ତ୍ର (ମିସାଇଲ୍) ଏବଂ ଆକାଶ ମାର୍ଗରୁ ଆକାଶ ମାର୍ଗରେ (ଏୟାର ଟୁ ଏୟାର) ନିକ୍ଷେପ କରାଯାଇ ପାରୁଥିବା ୪୦୦ ଟି



ମଧ୍ୟରେ ଦୂରଗାମୀ ଆରଭିଭି-ଏଇ (ଆର-୭୭) କ୍ଷେପଣାସ୍ତ୍ର (ମିସାଇଲ୍) ରଷିଆଠାରୁ କିଣିବା ପାଇଁ ପ୍ରସ୍ତାବକୁ ଚୂଡାନ୍ତ କରିଛନ୍ତି। ଏଥିପାଇଁ ଭାରତ ସରକାର ୭୦୦ ମିଲିୟନ ଆମେରିକୀୟ ଡଲାର ବ୍ୟୟ କରିବେ। ଉଲ୍ଲେଖଯୋଗ୍ୟ, ରଷିଆ ନିର୍ମିତ ଆର- ୭୭ ମିସାଇଲ୍ ହେଉଛି ଆମେରିକା ନିର୍ମିତ ମଧ୍ୟମ ଦୂରଗାମୀ ମିସାଇଲ୍ ଏଆଇଏମ୍-୧୨୦ (ଆମ୍‌ରାମ୍) ସହ ସମକକ୍ଷ। ଯାହାକୁ କି ପାକିସ୍ତାନୀ ବାୟୁସେନା ଭାରତୀୟ ବାୟୁସେନାର ଏକ ସୁଖୋଇ-୩୦ ଏମକେଆଇ ଲଢୁଆ ବିମାନର ଖସାଇବା ଲକ୍ଷ୍ୟରେ ଆମେରିକା ନିର୍ମିତ ଅତ୍ୟାଧୁନିକ ଲଢୁଆ ବିମାନରୁ ନିକ୍ଷେପ କରିଥିଲା। ରଷିଆ ଠାରୁ କିଣା ଯିବାକୁ ଏହି ସ୍ୱଳ୍ପ ଦୂରଗାମୀ ଆର୍-୭୩, ଏବଂ ମଧ୍ୟମ ଦୂରଗାମୀ ଆରଭିଭି-ଏଇ(ଆର-୭୭) କ୍ଷେପଣାସ୍ତ୍ର (ମିସାଇଲ୍) ସବୁକୁ ଭାରତୀୟ ବାୟୁସେନାର ଲଢୁଆ ମିଗ୍ ଓ ସୁଖୋଇ ବିମାନମାନଙ୍କରେ ଖଞ୍ଜାଯିବ।

# ଦୁର୍ଘଟଣାଗ୍ରସ୍ତ ଏଏନ୍-୩୨ର ବ୍ଲାକ୍ ବକ୍ସ ସହ ୧୩ ଜଣଙ୍କ ମୃତଦେହ ଉଦ୍ଧାର



ନୂଆଦିଲ୍ଲୀ, ୧୩।୬: ବୁଧବାର ନିଖୋଜ ହୋଇଥିବା ବାୟୁସେନା ବିମାନ ଏଏନ୍-୩୨ର ପତା ମିଳିବା ପରେ ଦୁର୍ଘଟଣା ଘଟିଥିବା ସ୍ଥଳରେ ଗୁରୁବାର ସକାଳେ ଯାଇ ପହଂଚିଥିଲା ବାୟୁସେନାର ୮ ଜଣିଆ ଉଦ୍ଧାରକାରୀ ଦଳ। ଉଦ୍ଧାରକାରୀ ଦଳର ୮ ଜଣିଆ ଟିମ୍ ପହଂଚିବା ପରେ ବିମାନରେ ଥିବା ସମସ୍ତ ୧୩ ଜଣଙ୍କ ମଧ୍ୟରୁ କେହି ବଂଚି ନଥିବା ସ୍ପଷ୍ଟ ହୋଇଥିଲା। ଏବେ ମୃତ ୧୩ଜଣଙ୍କ ଶବକୁ ଉଦ୍ଧାର କରାଯିବା ସହ ବିମାନର ବ୍ଲାକ ବକ୍ସ ମଧ୍ୟ ଉଦ୍ଧାରକାରୀ ଦଳ ଖୋଜି ପାଇଥିବା ନେଇ ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର କରାଯାଇଥିବା ମୃତଦେହକୁ ବାୟୁସେନାର ହେଲିକପ୍ଟର ସାହାଯ୍ୟରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏହା ସହ ବିମାନରେ ଉପସ୍ଥିତ ଥିବା ସମସ୍ତ ୧୩ ଜଣ ସହିଦ୍ ହେବା ପରେ ବାୟୁସେନା ପକ୍ଷରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଗୁରୁବାର ସମସ୍ତ ୧୩ ଜଣ ମୃତ୍ୟୁବରଣ କରିଥିବା ନେଇ ସୂଚନା ମିଳିଥିବା ବେଳେ ମୃତକମାନଙ୍କ ପରିଚୟ ସାମ୍ନାକୁ ଆସିଥିଲା। ମୃତକଙ୍କ ମଧ୍ୟରେ ଉଇଙ୍ଗ କମାଣ୍ଡର ଜିଏମ୍ ଚାଲର୍ସ, ସ୍କ୍ୱାର୍ଡ଼ନ ଲିଡର ଏଚ୍ ବିନୋଦ, ଫ୍ଲାଇଟ୍ ଲେଫ୍ଟନାଂଟ ଆର ଥପା, ଫ୍ଲାଇଟ୍ ଲେଫ୍ଟନାଂଟ ଏ ତନୱର, ଫ୍ଲାଇଟ୍ ଲେଫ୍ଟନାଂଟ ତଥା ଓଡ଼ିଆ ପୁଅ ସୁନୀତ ମହାନ୍ତି, ଫ୍ଲାଇଟ୍ ଲେଫ୍ଟନାଂଟ ଏମ୍‌କେ ଗର୍ଗ, ୱାରେଂଟ ଅଫିସର କେକେ ମିଶ୍ର, ସାର୍ଜେଂଟ ଅନୁପ କୁମାର, କର୍ପୋରାଲ ଶେରିନ୍, ଲିଡ୍ ଏୟାରକ୍ରାଫ୍ଟ ମ୍ୟାନ୍ ଏସ୍‌କେ ସିଂହ, ଲିଡ୍ ଏୟାରକ୍ରଫ୍ଟ ମ୍ୟାନ୍ ପଙ୍କଜ, ଅଣ ସାମରିକ କର୍ମଚାରୀ ରାଜେଶ କୁମାର ରହିଥିଲେ। ସୂଚନା ମୁତାବକ, ସୋମବାର ୧୩ ଜଣଙ୍କୁ ନେଇ ବାୟୁସେନା ବିମାନ ଏଏନ୍-୩୨ ମେଂଚୁକା ଅଭିମୁଖେ ଉଡାଣ ଭରିଥିଲା।

ଆସାମର ଜୋରହାଟରୁ ଉଡାଣ ଭରିବାର ୩୩ ମିନିଟ୍ ପରେ ବିମାନଟ ରାଡାରରୁ ନିଖୋଜ ହୋଇ ଯାଇଥିଲା ବିମାନ। ଦିନ ୧୨ଟା ୨୭ ମିନିଟ୍‌ରେ ବିମାନଟି ଉଡାଣ ଭରିଥିବା ବେଳେ ଦିନ ୧ ଟାରେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା।

# ଧୂଳି ଝଡ଼ରେ ୧୭ ମୃତ



ଲକ୍ଷ୍ନୌ, ୧୩।୬: ଗତ ୨୪ ଘଂଟା ମଧ୍ୟରେ ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା, ପବନ, ବିଜୁଳି ମାରିବା ସହ ଧୂଳି ଝଡ଼ ହୋଇଛି। ଭିନ୍ନ ଭିନ୍ନ ସ୍ଥାନରେ ଝଡ଼ ତୋଫାନରେ ମୋଟ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପ୍ରକାଶିତ ରିପୋର୍ଟ ଅନୁସାରେ, ସିଦ୍ଧାର୍ଥନଗରରେ ଚାରି, ଦେବରିଆ ଜିଲ୍ଲାରେ ତିନ, ବସ୍ତିରେ ତିନ, ବାଲିଆ ଜିଲ୍ଲାରେ ଦୁଇ ଓ ଆଜମଗଡ଼, କୁଶିନଗର, ମହାରାଜଗଞ୍ଜ, ଲକ୍ଷ୍ମୀମପୁର ଓ ପିଲିଭିତରେ ଜଣେ-ଜଣେ ବ୍ୟକ୍ତି ମୃତ୍ୟୁ ଘଟିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟନାଥ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସିଦ୍ଧାର୍ଥନଗରରେ ଏକ ଟିଣ-ସେଡ ପଡିଯିବା ହେତୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ଦୁଇଜଣ ମହିଳା ବି ଗୁରୁତର ହୋଇଥିଲେ। ସେହିପରି ବସ୍ତି ଜିଲ୍ଲାରେ ବିଜୁଳି ମାରିବା ହେତୁ ବୃଜଭାନ ଯାଦବଙ୍କ ମୃତ୍ୟୁ ଘଟିଛି। ବସ୍ତିର ଦେବରୁଆ ଗ୍ରାମରେ ଗଛ ପଡିଯିବା ହେତୁ ତିରିଶ ବର୍ଷୀୟ ବିଶାଳଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

## ଡାହୁକ



ଶିକାରିକୁ ଡରି ଲୁଚେ ବନସ୍ତରେ
ଡାକିବ କେମିତି ଗଜ
ସ୍କୁଟ୍ ପିନ୍ଧାରେ ଝିଅ ମନ ଖୁସି
ଶାଢ଼ୀ ପିନ୍ଧିବାକୁ ଲାଜ
ପାର୍ଲରରେ ସଜବାଜ
ଦୋସା ଖାଇ ଏବେ
ଚକୁଳି ଭୁଲିଚି
ନାହିଁ ଆଉ ପୂର୍ବ ରଜ

-ବିଧୁ



# ୧୫ ଜଣ ଅନାଥ ଶିଶୁ କନ୍ୟାଙ୍କ ମାଆ ସାଜିଛନ୍ତି କାଞ୍ଚନବାଳା



ଜଳେଶ୍ୱର,୧୩ । ୬ (ନିପ୍ର): ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ଉପାର୍ଜନ କରି ନିଜ ନିଜ ପରିବାର ସହିତ ବିଳାସ ବ୍ୟସନରେ ମସଗୁଲ ରହିବାକୁ ଅଧିକାଂଶ ପସନ୍ଦ କରୁଥିବା ବେଳେ ଅନାଥ ପିଲା ମାନଙ୍କୁ ମଣିଷ କରିବାର ନିଶା ଘାରିଛି ବିଧବା କାଂଚନବାଳା ଙ୍କ କ୍ଷେତ୍ରରେ। ଜଳେଶ୍ୱର ବ୍ଲକ ଗୋପୀମୋହନପୁର ପଂଚାୟତ ସରସିଦା ଗ୍ରାମରେ ବାସ କରନ୍ତି କାଂଚନବାଳା ପରିଡ଼ା(୭୦)। ସ୍ୱାମୀ ରବୀନ୍ଦ୍ର ଓ ଦୁଇ ପୁଅ ବିଶ୍ୱନାଥ ଏବଂ ବୈଦ୍ୟନାଥ ଙ୍କ ସହ ହସ ଖୁସିରେ ସଂସାର ଚାଲୁଥିଲା। ସ୍ୱାମୀ ହାଇସ୍କୁଲର ଶିକ୍ଷକତା ରୁ ଅବସର ନେବାପରେ ଗତ ୨୦୦୮ ମସିହା ରେ ଆରପାରି କୁ ଚାଲିଗଲେ। ଦୁଇ ପୁଅ ମଧ୍ୟରୁ ବଡ଼ ପୁଅ ବିଶ୍ୱନାଥ ଇଂଜିନିୟର ଓ ସାନପୁଅ ବୈଦ୍ୟନାଥ ନୌସେନାରେ ଚାକିରି କରି ନିଜ ନିଜ ପରିବାର ସହ ବିଦେଶରେ ବସବାସ କରୁଛନ୍ତି। ସେମାନେ ମାଆ କାଂଚନବାଳା ଙ୍କୁ ନିଜ ପାଖରେ ରଖିବାପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ପୁଅ ମାନଙ୍କ ପାଖରେ ନ ରହି ନିଜ ଗ୍ରାମରେ ଥିବା ନିଜ ଘରକୁ ଆନନ୍ଦମୟୀ କନ୍ୟାଶ୍ରମ ନାମକ ଏକ ଆଶ୍ରମ କରି ୨୦୧୩ ମସିହାରୁ ଅଦ୍ୟାବଧି ଚଳାଇ ଆସୁଛନ୍ତି। ୧୫ ଜଣ ଅନାଥ ଶିଶୁ କନ୍ୟା ମାନଙ୍କୁ ରଖି ନିଜେ ସେମାନଙ୍କ ଖର୍ଚ୍ଚ ବହନ କରି ଚାଲିଛନ୍ତି। ଗ୍ରାମ ସ୍କୁଲରେ କନ୍ୟା ମାନଙ୍କୁ ପାଠ ପଢ଼ାଉଛନ୍ତି। ଚଳିତବର୍ଷ ତାଙ୍କ ଆଶ୍ରମରେ ଥିବା କନ୍ୟା ମାନଙ୍କ ମଧ୍ୟରୁ ୫ମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ବର୍ଷା ଟୁଡୁ ପ୍ରଥମ,ମାନୀ ୨ୟ ଓ ପୂଜା ସିଂ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୁଜାତା ହାଁସଦା ୩ୟ ଶ୍ରେଣୀରେ ପ୍ରଥମ ହୋଇଥିବା ବେଳେ ନିଳିମା ସିଂ ୧ମ ଶ୍ରେଣୀରେ ପ୍ରଥମ ହୋଇଛନ୍ତି। କନ୍ୟା ମାନଙ୍କ ଭଲ ପାଠପଢ଼ା କୁ ନେଇ ଗର୍ବ କରନ୍ତି କାଂଚନବାଳା। ସେହିପରି ସୁଜାତା ହାଁସଦା, ପୂଜା ସିଂ,ମିନି ସିଂ, ମାମା ସିଂ ବାପା ମାଆ ଛେଉଣ୍ଡ ହୋଇଥିବାରୁ ଏମାନଙ୍କୁ ଅଧିକ ସ୍ନେହ କରନ୍ତି କାଂଚନବାଳା। ଆଶ୍ରମ ଚଳାଇବାର ଖର୍ଚ୍ଚ ବିଷୟରେ ପଚାରିବାରୁ ସେ କୁହନ୍ତି ଯେ,ସ୍ୱାମୀ ଙ୍କ ପେନ୍‌ସନ ଓ ଜଳେଶ୍ୱର ସ୍ଥିତ ଘରଭଡ଼ା ସହିତ ଚାଷଜମିରୁ ହେଉଥିବା ଆୟପରେ ଯେତିକି ନିଅଣ୍ଟ ପଡ଼େ ଦୁଇ ପୁଅ ତାକୁ ଭରଣା କରନ୍ତି। ବିନା ସରକାରୀ ସହାୟତାରେ ୭ ବର୍ଷଧରି ଆଶ୍ରମ ଚଳାଇବା କେତେ କଷ୍ଟଦାୟକ ତାହା ସେ ନିଜ ମୁହଁରେ ପ୍ରକାଶ କରିଛନ୍ତି। ଯଦି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉକ୍ତ ଆଶ୍ରମ ପ୍ରତି ଦୃଷ୍ଟି ଦିଅନ୍ତେ ତାହେଲେ ସେ ଅଧିକ କନ୍ୟା ମାନଙ୍କୁ ରଖି ଶିକ୍ଷା ଓ ସଂସ୍କାର ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାରେ ସଫଳ ହୋଇଥାନ୍ତେ।

# ଅବକାରୀ ଚଢ଼ାଉ,୩ ଗିରଫ



ଜଳେଶ୍ୱର,୧୩। ୬ (ନିପ୍ର): ବୁଧବାର ବିଳମ୍ବିତ ସଂଧ୍ୟାରେ ଅବକାରୀ ଏସ୍‌ପି ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ଅଧିକାରୀ ହରପ୍ରସାଦ ରଣାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ କମର୍ଦ୍ଦା ଥାନା ଅନ୍ତର୍ଗତ ନହଁରା, ମନ୍ଦାରୁଣି, କସବା କମର୍ଦ୍ଦା,କାଜିବାଗ,ପୁଟିଣା ଅଂଚଳରେ ଅତର୍କିତ ଭାବେ ଚଢ଼ଉକରି ୧୬ ବୋତଲ ପଶ୍ଚିମବଂଗ ମାର୍କା ଓ ୬ ବୋତଲ ସ୍ପିରିଟ୍ ଲିକର ବିଦେଶୀ ମଦ ଜବତ୍ କରିବା ସହିତ ଝରଣା ସିଂ,ଜୟନ୍ତୀ ଦାସ ଓ ବେଣୁଧର ନାୟକଙ୍କୁ ଗିରଫ୍ କରିଛନ୍ତି। ଉକ୍ତ ଚଢ଼ାଉରେ ଏଏସଆଇ ଦଳଗୋବିନ୍ଦ ଧଳ,କନ୍‌ଷ୍ଟେବଲ ରାଜୀବ କୁମାର ଭଂଜ,ମଂଗଳ ସିଂ ଓ ମୀନତି ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ମାଆର ଋଣ ଟଙ୍କା ପାଇଁ ମାଡଖାଇ ପୁଅର ଆତ୍ମହତ୍ୟା

ଢେଙ୍କାନାଳ,୧୩ । ୬ (ନିପ୍ର): ଢେଙ୍କାନାଳ ଟାଉନ୍ ଥାନା ଅନ୍ତର୍ଗତ ଷ୍ଟେସନ ବଜାର ଫାଣ୍ଡି ଅଧିନ ଡମସାହିର ଜନୈକା ମହିଳା ଗତ ୨ ବର୍ଷ ପୂର୍ବେ ଜଣଙ୍କ ଠାରୁ ଟଙ୍କା ଋଣ ନେଇ ସୁଧ ସହିତ ପରିଶୋଧ କରିଥିବା ବେଳେ ସମ୍ପୃକ୍ତା ମହିଳାଙ୍କ ପୁଅକୁ ଋଣ ପ୍ରଦାନକାରୀଙ୍କ ସମ୍ପର୍କିୟ ମାନେ ମାଡ ମାରିବା ଯୋଗୁଁ ଅପମାନ ସହି ନ ପାରି ଯୁବକ ଜଣଙ୍କ ଆତ୍ମହତ୍ୟା କରିବା ଘଟଣା ମୁଖ୍ୟ ଆଲୋଚନାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ଯେ, ଗତ ୨ ବର୍ଷ ପୂର୍ବେ ସ୍ଥାନୀୟ ହାଟରୋଡ୍ ସ୍ଥିତ ନୂଆସାହିର ଜନୈକ ବ୍ୟକ୍ତିଙ୍କ ଠାରୁ ବୁଟୁ ନାଏକଙ୍କ ପତ୍ନୀ ବିନି ୧୦ ହଜାର ଟଙ୍କା ଋଣ ନେଇଥିଲେ । ସୁଧ ସହିତ ଋଣ ଟଙ୍କାକୁ ବିନି ପରିଶୋଧ କରିଥିବା ବେଳେ ଆଜି ସଂଧ୍ୟାରେ ବିନିଙ୍କ ପୁଅ ବବୁଲ୍ (୨୨) ସେହି ନୂଆସାହିକୁ ବୁଲିବା ପାଇଁ ଯାଇଥିବା ସମୟରେ ତାଙ୍କ ମାଆଙ୍କୁ ଦେଇଥିବା ଋଣ ଟଙ୍କାକୁ ଋଣ ପ୍ରଦାନକାରୀ ବ୍ୟକ୍ତିଙ୍କ ସମ୍ପର୍କିୟମାନେ ବବଲୁକୁ ମାଗିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଗୁରୁତର ଆକାର ଧାରଣ କରିଥିଲା । ଫଳରେ ବବଲୁକୁ ନୂଆସାହିର ଯୁବକ ମାନେ ଘେରିଯାଇ ନିସ୍ତୁକ ମାଡ ମାରିଥିଲେ । ମାଡଖାଇ ବବଲୁ ଘରକୁ ଫେରିବା ପରେ ଅପମାନ ସହି ନ ପାରି ମାଆଙ୍କ ଶାଢୀକୁ ବେକରେ ଗୁଡାଇ ଘର କଡିରେ ଝୁଲି ଆତ୍ମହତ୍ୟା କରିଥିଲେ । ପରିବାର ସଦସ୍ୟମାନେ ଘଟଣା ଦେଖି ବବଲୁକୁ ଉଦ୍ଧାର କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଖବର ପାଇ ଡାକ୍ତରଖାନାରେ ପୋଲିସ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାରକୁ ଶବ ହସ୍ତାନ୍ତର କରିଥିଲେ । ଶବକୁ ପରିବାର ସଦସ୍ୟ ନେଇ ହାଟରୋଡ ସ୍ଥିତ ସହରର ମୁଖ୍ୟ ରାସ୍ତାରେ ଶବରଖି ଅଭିଯୁକ୍ତ ମାନଙ୍କୁ ଗିରଫ ଦାବୀ କରି ରାସ୍ତାରୋକ୍ କରିଥିଲେ । ରାସ୍ତାରୋକ ସ୍ଥଳରେ ଟାଉନ୍ ଥାନା ଅଧିକାରୀ ଅଭିନବ ଡାଲୁଆ ଏବଂ ଷ୍ଟେସନ ରୋଡ୍ ଫାଣ୍ଡି ଅଧିକାରୀ ରସାନନ୍ଦ ନାୟକ ସଦଳବଳେ ପହଁଚି ଅବରୋଧକାରୀଙ୍କୁ ବୁଝାସୁଧା କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ପ୍ରତିଶୃତି ଦେବାରୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ମାଆର ଋଣ ଟଙ୍କା ପାଇଁ ପୁଅ ମାଡଖାଇ ଆତ୍ମହତ୍ୟା କରିବା ଘଟଣା ଆଲୋଚନାର ବିଷୟ ହୋଇଛି ।

# ବଜ୍ରାଘାତରେ ଗୋଟିଏ ପରିବାରର ୩ ଆହାତ, ଜଣେ ଗୁରୁତର



କାମାକ୍ଷାନଗର,୧୩ । ୬ (ନିପ୍ର): ଜିଲ୍ଲା କାମାକ୍ଷାନଗର ଥାନା ରାଇବୋଲ ପଂଚାୟତ ଅନ୍ତର୍ଗତ ଶୀତଳବସା ଗ୍ରାମରେ ଗୁରୁବାର ଦିନ ଭୋର ୪ଟା ବେଳେ ବଜ୍ରାଘାତ ଘଟି ଗୋଟିଏ ପରିବାରର ତିନି ଜଣ ଗୁରୁତର ଓ ଆହାତ ହୋଇଛନ୍ତି । ଗୁରୁତର ଜଣଙ୍କ ହେଲେ ଗ୍ରାମର ଗଣେଶ୍ୱର ମହାନ୍ତଙ୍କ ମଝିଆ ଝିଅ ଲକ୍ଷ୍ମୀପ୍ରିୟା ମହାନ୍ତ (୧୨) ଓ ଆହାତ ଦୁଇଜଣ ହେଲେ ବଡ ଝିଅ ମଧୁସ୍ମିତା ମହାନ୍ତ (୧୫) ଏବଂ ସାନ ଝିଅ କଳ୍ପନା ମହାନ୍ତ (୯) । ତିନି ଝିଅ ଏକ ସାଙ୍ଗରେ ଘର ବାରଣ୍ଡାରେ ଏକ ଖଟରେ ଶୋଇଥିବା ସମୟରେ ବଜ୍ରାଘାତ ଘଟିଥିଲା । ଗୁରୁତର ଓ ଆହାତ ମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେ ବଜ୍ରଘାତରେ ଗଣେଶ୍ୱର ମହାନ୍ତଙ୍କ ଘର ଭାଙ୍ଗୀ ଯାଇଥିବା ଦେଖିବାକୁ ମିଳିଛି । ତୁରନ୍ତ ପ୍ରଶାସନ ତରଫରୁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

# ଉତ୍କଳ ରଜକ ମହାସଂଘର ସାଂସଦଙ୍କୁ ସାକ୍ଷାତ



ଭୁବନେଶ୍ୱର,୧୩ । ୬ (ନିପ୍ର): ଉତ୍କଳ ରଜକ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଯାଜପୁରର ନବନିର୍ବାଚିତ ସାଂସଦ ଶର୍ମିଷ୍ଠା ସେଠୀଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ସୌଜନ୍ୟ ମୁଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସାଂସଦ ସେଠୀଙ୍କୁ ପିତା ୰ମଦନ ମୋହନ ସେଠୀ ଓ.ଏସ୍.ଇ.ବିର ପୂର୍ବତନ କର୍ମଚାରୀ ତଥା ଉତ୍କଳ ରଜକ ମହାସଂଘର ପୂର୍ବତନ ଉପସଭାପତି ହୋଇଥିବାରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ପ୍ରତିନିଧି ଦଳରେ ସଂଘର ସଭାପତି ହରିହର ସେଠୀ, ଉପସଭାପତି ମହେନ୍ଦ୍ର ନାୟକ, ମୁଖ୍ୟ ସାଧାରଣ ସଂପାଦକ ଅକୁଳ ଚନ୍ଦ୍ର ସେଠୀ, ସହକାରୀ ମୁଖ୍ୟ ସାଧାରଣ ସଂପାଦକ ତଥା ନଗର ବନ୍ଧୁ ମାନଗୋବିନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ ।

# ନିରବଦ୍ରଷ୍ଟା ସାଜିଛି ପ୍ରଶାସନ ବୃଦ୍ଧିପାଇଛି ବେଆଇନ ବାଲି ଉଠାଣ

ବାରିପଦା,୧୩।୬(ନି.ପ୍ର): ବାରିପଦା ତହସିଲ ଅନ୍ତର୍ଗତ ଯମୁନାଦେଇପୁର ମୌଜା ତଥା ବାରିପଦା ପୌରାଞ୍ଚଳ ମଧ୍ୟରେ ଭଞ୍ଜପୁର ଶାସନର ଶେଷ ଭାଗରେ ଚିପୋଟ୍ ନଦୀ ବୋହିଯାଇଛି। ଟାଙ୍କିସାହି ଏବଂ ବୁଢ଼ୀଖମାରୀ ରାସ୍ତା ମଧ୍ୟ ଏହି ନଦୀକୁ ସଂଯୋଗ କରୁଛି। ଦୀର୍ଘ ବର୍ଷ ଧରି ଏହି ନଦୀଶଯ୍ୟାରୁ ବେଆଇନ ଭାବରେ ଶହଶହ ଟ୍ରାକ୍ଟର ବାଲି ଟାଙ୍କିସାହି, ଯମୁନାଦେଇପୁର ଉ.ପ୍ରା. ବିଦ୍ୟାଳୟ, ଭଞ୍ଜପୁର ଶାସନ, ବୁଢ଼ୀଖମାରୀ ଉ.ପ୍ରା. ବିଦ୍ୟାଳୟ ସମ୍ମୁଖ ବାଟଦେଇ ଉଠାଯାଉଥିବାର ଦେଖିବାକୁ ମିଳୁଛି। ଏହା ଏକ ନିଲାମଘାଟ ହୋଇନଥିଲେ ମଧ୍ୟ ଏଠାରୁ ଶହଶହ ଟ୍ରାକ୍ଟର ବାଲି ଦିନରାତି ପ୍ରତିଦିନ ଉଠାଯାଉଛି। ଏଥିରେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେଉଥିବା ବେଳେ ସବୁବେଳେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ଟାଙ୍କିସାହି, ଯମୁନାଦେଇପୁର ଉ.ପ୍ରା. ବିଦ୍ୟାଳୟ, ଭଞ୍ଜପୁର ଶାସନ, ବୁଢ଼ୀଖମାରୀ ଉ.ପ୍ରା. ବିଦ୍ୟାଳୟ ସମ୍ମୁଖ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଯାଉଛି। ବୁଢ଼ୀଖମାରୀ, ବୁଢ଼ୀଖମାରୀ ଶାସନ ଏବଂ ଟାଙ୍କିସାହି ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୮୦୦ ପରିବାର ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁବେଳେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ଧୂଳି ଉଡି ବାୟୁ ପ୍ରଦୁଷିତ ହେଉଥିବାରୁ ସାଧାରଣ ଲୋକ ବିଶେଷ କରି ରୋଗଗ୍ରସ୍ତ ବରିଷ୍ଠ ନାଗରିକ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର ଅଭିଯୋଗ ହେଉଛି। ଦିନ ହେଉ ବା ରାତ୍ରୀ ବାହାରକୁ ଯିବା ଆଦୌ ସମ୍ଭବ ହେଉନାହିଁ। ଟ୍ରାକ୍ଟର ଡ୍ରାଇଭର ମାନେ ତରବରିଆ ଭାବରେ ଟ୍ରାକ୍ଟର ଚଳାଉ ଥିବାରୁ ବୁଢ଼ୀଖମାରୀ ଉ.ପ୍ରା. ବିଦ୍ୟାଳୟ, ଯମୁନାଦେଇପୁର ଉ.ପ୍ରା. ବିଦ୍ୟାଳୟ ସମ୍ମୁଖରେ ଦୁର୍ଘଟଣା ମଧ୍ୟ ବହୁବାର ଘଟିଛି। ଦୁର୍ଘଟଣାରୁ ଛୋଟପିଲାଙ୍କ ସମେତ ମହିଳା, ବୟସ୍କ ଲୋକ ଏବଂ ଗୃହପାଳିତ ପଶୁପକ୍ଷୀମାନେ ମଧ୍ୟ ବାଦ୍ ପଡିନାହାନ୍ତି। ଛୁଟିଦିନ ଗୁଡିକରେ ବାଲି ଉଠାଣ ବହୁତ ଅଧିକ ପରିମାଣରେ ହେଉଥିବାବେଳେ ଗତ ଶନିବାର ଦିନ ଶହଶହ ଟ୍ରିପ୍ ବାଲିଉଠାଯାଇ ଶାସନ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ରାସ୍ତାର କିଛି ଦୂରରେ ନର୍ମିତ ହଉେଥିବା ଗୃହ ନିର୍ମାଣରେ ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳିଛି। ଏହି ଘାଟରୁ ଉଠାଯାଉଥିବା ବାଲି ଘର କାମ ପାଇଁ ଉପଯୋଗୀ ହୋଇନଥିଲେ ମଧ୍ୟ ଲୋକମାନେ ଏସବୁ ଜାଣି ନପାରି ଠକାମିର ଶିକାର ହେଉଥିବା ବେଳେ ମାଲିକମାନେ ଅତ୍ୟଧିକ ଲାଭ ପାଉଛନ୍ତି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିଶେଷ କରି ବରିଷ୍ଠ ନାଗରିକ ଙ୍କ ତରଫରୁ ଜିଲ୍ଲା ପ୍ରଶାସନ ପାଖରେ ଏପରି ବେଆଇନ ବାଲି ଉଠାଣ ସମ୍ବନ୍ଧରେ ଅଭିଯୋଗ ହୋଇଆସୁଥିଲେ ଏବଂ ଏ ସମ୍ବନ୍ଧରେ ଗଣମାଧମରେ ବହୁବାର ଖବର ପକାଶିତ ହେବାପରେ ମଧ୍ୟ ଅଭିଯୋଗ ଏବଂ ପ୍ରକାଶିତ ସମ୍ବାଦ ଆଧାରରେ ପଦକ୍ଷେପ ନେବାପାଇଁ କେହି ହେଲେ ଇଚ୍ଛା ପ୍ରକାଶ କରୁନଥିବାର ଜଣା ପଡିଛି। ଯଥାଶିଘ୍ର ସମସ୍ତ ବେଆଇନ ବାଲି ଉଠାଣ ସଂପୂର୍ଣ୍ଣ ବନ୍ଦି କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ସାଧାରଣରେ ଦାବି ହେଉଛି।

# ଗମନାଗମନରୁ ବଞ୍ଚିତ ତାଳବୋରେଇ ଆଦିବାସୀପଡା ଗ୍ରାମ

ପୋଲସରା,୧୩।୬(ନି.ପ୍ର): ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନାକୁ ସାକାର କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଜରିଆରେ ଆବଶ୍ୟକ ସ୍ଥଳେ ଅର୍ଥ ପ୍ରଦାନ କରୁଛନ୍ତି। ଉଦ୍ଦେଶ୍ୟ ସର୍ବସାଧାରଣ ସାମ୍ବିଧାନିକ ନିୟମ ପ୍ରକାରେ କୌଣସି ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ନହୋଇ ରୁହନ୍ତୁ। ଉକ୍ତ ମୌଳିକ ସୁବିଧା ଗୁଡିକ ମଧ୍ୟରେ ଗୁରୁତ୍ୱପୁର୍ଣ୍ଣ ସଡକ ଅନ୍ତର୍ଭୁକ୍ତ ଅଟେ। ଯୋହେତୁ ଯାତାୟାତରେ ସୁବିଧା ନଥିବ ତେବେ ବାକି ସବୁ ଯୋଜନା ମୁଲ୍ୟହିନ ଅଟେ। ଏହାର ଜ୍ୱଳନ୍ତ ପ୍ରମାଣ ଗଞ୍ଜାମ ଜିଲ୍ଲାରେ ଥିବା ରାଜ୍ୟର ୧୨୪ନଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହି ମଣ୍ଡଳୀରେ ଆଜି ମଧ୍ୟ ଏହିପରି ଗ୍ରାମ ଅଛି ଯେଉଁ ଗ୍ରାମକୁ ଯିବା ଆସିବା ପାଇଁ ଗୋଟାଏ ରାସ୍ତାଟିଏ ନାହିଁ। ଦେଶ ସ୍ୱାଧିନ ହେବାର ୭୦ବର୍ଷରୁ ଉର୍ଦ୍ଧ୍ୱ ମୁଲ୍ୟବାନ ସମୟ ଅତିବାହିତ ହୋଇଯାଇଛି ଅଥଚ ଉକ୍ତ ଗ୍ରାମକୁ ସଡକଟିଏ ନଥିବା ଯୋଗୁଁ ଶାସକ ଓ ପ୍ରଶାସକ ଉଭୟଙ୍କ ପାଇଁ ଅତି ଲଜ୍ୟାଜନକ ଅଟେ ବୋଲି ଉଲ୍ଲେଖ କରାଗଲେ କୌଣସି ଅତ୍ୟୁକ୍ତି ହେବନାହିଁ। ଉକ୍ତ ଗାଁଟିର ନାମ ହେଉଛି ତାଳବୋରେଇ ଆଦିବାସୀପଡା। ଏହି ଗ୍ରାମଟି ପୋଲସରା ବ୍ଲକର ନିମିନା ଗ୍ରାମ ପଞ୍ଚାୟତରେ ରହିଛି। ଗ୍ରାମଟି ନିମିନା ଗ୍ରାମଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୁରତାରେ ଅବସ୍ଥିତ ବିଞ୍ଝଣା ପର୍ବତ ନିକଟରେ ରହିଛି। ଗ୍ରାମଟି ନିମିନା ପଞ୍ଚାୟତର ଏକ ୱାର୍ଡ ନମ୍ବର ଅଟେ। ଗାଁଟିରେ ଆଦିବାସୀ ସଂଖ୍ୟାଲଘୁ ସଂପ୍ରଦାୟର ୨୫ଗୋଟି ପରିବାରରେ ପ୍ରାୟ ୧୦୦ଜଣ ଆବାଳ ବୃଦ୍ଧ ବନିତା ବସବାସ କରି ରହୁଅଛନ୍ତି। ଗ୍ରାମକୁ ନିମିନା ଗ୍ରାମ ଓ ଉକ୍ତ ପଞ୍ଚାୟତରେ ସ୍ଥିତ ବିଲେଇଝୁରି ଗ୍ରାମ ସହିତ ଆଜି ପର୍ଯ୍ୟନ୍ତ ସଡକ ଯୋଗେ ସଂଯୋଗ ନହୋଇପାରିଥିବାରୁ ଗ୍ରାମର ପିଲାମାନେ ବିଲେଇଝୁରି ଓ ନିମିନା ଗ୍ରାମସ୍ଥିତ ବିଦ୍ୟାଳୟକୁ ପାଠପଢି ଯିବାରେ ଘୋର ଅସୁବିଧାର ସମ୍ମୁଖିନ ହେବା ସହିତ ଗ୍ରାମର କୌଣସି ପୁରୁଷ, ମହିଳା ଓ ପିଲାମାନଙ୍କ ସ୍ୱାସ୍ଥ୍ୟ ଗୁରୁତର ସମସ୍ୟା ସୃଷ୍ଟି ହେଲେ ସଡକ ନଥିବା ଯୋଗୁଁ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ରହୁଛନ୍ତି। ସବୁଠାରୁ ଦୁଃଖର ବିଷୟ ଏହି ସ୍ୱାସ୍ଥ୍ୟସେବା ଅଭାବରୁ ସମୟେ ସମୟେ ଗର୍ଭବତି ମହିଳା ଓ ପିଲାମାନେ ଗୁରୁତର ଅବସ୍ଥାରେ ଜରୁରିକାଳିନ ଆମ୍ବୁଲେନ୍ସ ସେବା ନପାଇପାରୁଥିବା ଯୋଗୁଁ ଅକାଳ ମୃତ୍ୟୁବରଣ କରୁଛନ୍ତି। ଯାହାକି ସରକାରଙ୍କ ଶିଶୁ ସମନ୍ୱିତ ବିକାଶ ସହିତ ଜନନୀ ସୁରକ୍ଷା ଯୋଜନା ସମ୍ପୁର୍ଣ୍ଣ ରୁପେ ଫେଲ୍ ମାରିଛି ବୋଲି ଉଲ୍ଲେଖ କରାଗଲେ କୌଣସି ଅପରାଧ ହେବ ନାହିଁ। ତଳଦିନେ ଏହି ସଡକ ସମସ୍ୟାକୁ ଦୁର କରିବା ପାଇଁ ଉକ୍ତ ନିମିନା ପଞ୍ଚାୟତ ମହିଳା ସରପଞ୍ଚ ହରପ୍ରିୟା ସାହୁଙ୍କ ନିକଟରେ ଉକ୍ତ ତାଳବୋରେଇ ଆଦିବାସୀପଡା ଗ୍ରାମବାସୀ ବୃନ୍ଦ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସରପଞ୍ଚ ମହାଶୟା ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପ୍ରକଳ୍ପ ରଖି କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯିବାରୁ ଗ୍ରାମବାସୀ ମାନେ ସଡକ ନିର୍ମାଣ କାର୍ଯ୍ୟରେ ସହଯୋଗ କରିପାରିନଥିଲେ। ତଥାପି ସରପଞ୍ଚ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଅନ୍ୟ ଜବ୍‌କାର୍ଡଧାରୀ ମାନଙ୍କ ଦ୍ୱାରା ସହଯୋଗରେ ଚାଲୁ ରଖିଥିବା ବେଳେ ଗ୍ରାମବାସୀଙ୍କ କହିବା ପ୍ରକାରେ ଉକ୍ତ ନିର୍ମାଣ କାର୍ଯ୍ୟକୁ ଜଣେ ଖଳ ପ୍ରକୃତିର ଲୋକ ଜାଣିଶୁଣି ସେମାନଙ୍କୁ ହଇରାଣ କରିବା ମନ୍ଦ ଉଦ୍ଦେଶ୍ୟ ରଖି ରାସ୍ତା ନିର୍ମାଣ କାର୍ଯ୍ୟଟିକୁ ବନ୍ଦ କରିବା ନିମନ୍ତେ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିବା ଦ୍ୱାରା ରାସ୍ତାକାମ ବନ୍ଦ କରିଦିଆଗଲା। ପରେ ଏହି ବିଷୟ ତାଳବୋରେଇ ଗ୍ରାମବାସୀ ଜାଣିପାରି ଚଳିତ ଜୁନମାସ ୧୨ତାରିଖ ବୁଧବାର ସରପଞ୍ଚଙ୍କ ଜରିଆରେ ସରପଞ୍ଚ ପ୍ରତିନିଧି ଲଡୁକିଶୋର ସାହୁଙ୍କ ନେତୃତ୍ୱରେ ପୋଲସରା ବିଡିଓ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ଅନୁପସ୍ଥିତରେ ଡ୍ୟୁଟିରେ ଥିବା ଜି.ପି.ଓ ଗୋପବନ୍ଧୁ ବେହେରା ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ଛତ୍ରପୁର ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବୀପତ୍ରରେ ସେମାନଙ୍କ ରାସ୍ତା ନିର୍ମାଣ ବିଷୟକୁ ଗୁରୁତ୍ୱ ଦେଇ ସୁବିଚାର ପୁର୍ବକ ଅଧାରୁ କାର୍ଯ୍ୟ ବନ୍ଦଥିବା ରାସ୍ତାଟିକୁ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସକାଶେ ବିଡିଓ ମହୋଦୟଙ୍କୁ ଆଦେସ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ଉତ୍ତେଜନା

ଡେଲାଙ୍ଗ, ୧୩।୬(ନି.ପ୍ର): ବାତ୍ୟାପରେ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଶକ୍ତି ସଚିବ ହେମନ୍ତ ଶର୍ମା ଡେଲାଙ୍ଗରେ ପହଞ୍ଚି ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡ ଆଙ୍କୁଲା ଛକଠାରେ ଡେଲାଙ୍ଗ କଣାସ ରାସ୍ତା ୧ ଘଣ୍ଟା ଅବରୋଧ । କିନ୍ତୁ ବଡ ଆଙ୍କୁଲା ଛକଠାରେ ବିଦ୍ୟୁତ୍ ପୋଲ ପକାଇବାକୁ ନେଇ ଜଣେ ବ୍ୟକ୍ତି ମନା କରିବାରୁ ବଡ ଆଙ୍କୁଲା ଗ୍ରାମବାସୀ



ଡେଲାଙ୍ଗ କଣାସ ରାସ୍ତାକୁ ଏକ ଘଣ୍ଟା ଅବରୋଧ କରି ରାସ୍ତା ରୋକ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଡେଲାଙ୍ଗ ପୋଲିସ ଏକ ଟିମ୍ ସହିତ ଏସଆଇ ଟୁନା ଶବର ଏଏସଆଇ ଭ୍ରମରବର ପାଇଟାଳ ପହଞ୍ଚି ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସେହି ଜାଗାରେ ଖୁଣ୍ଟି ପଡି ଆସନ୍ତାକାଲି ଗ୍ରାମମାନଙ୍କରେ ବିଦ୍ୟୁତ ସଂଯୋଗ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରତିଶୃତି ଦେବାରୁ ରାସ୍ତାରୋକରୁ ହଟିଥିଲା ବୋଲି ଡେଲାଙ୍ଗ ପୋଲିସ ସୂଚନା ଦେଇଛି।

# ପିପିଲିରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପିପିଲି,୧୩।୬(ନି.ପ୍ର): ପିପିଲି ପତିତବାନ ଦେବ ମନ୍ଦିର ପରିସରରେ ରଥଯାତ୍ରା ନିମନ୍ତେ ରଥ ପରିଚାଳନା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ରମେଶ ଚନ୍ଦ୍ର ଶତପଥୀ ଅଧକ୍ଷତାରେ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ। ଏହି ବୈଠକରେ ସ୍ନାନଯାତ୍ରା ଠାରୁ ଶ୍ରୀଗୁଣ୍ଡିଚା, ବାହୁଡା, ସୁନାବେଶ ଓ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସମ୍ପର୍କରେ ସୂଚାରୁରୂପେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ଓ ରଥଟଣା ସମୟରେ ଟ୍ରାଫିକ୍ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବା ନେଇ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଆଲୋଚନା କରିଥିଲେ। ସେହିପରି ଏନ୍‌ଏସି କାର୍ଯ୍ୟନିବାହୀ ଅଧିକାରୀ କାଦମ୍ବିନୀ ଜେନା ପରିମଳ ବ୍ୟବସ୍ଥାକୁ ଅଧିକ ତ୍ୱରାନିତ କରାଯିବ ବୋଲି ସୂଚନା ଦେଇଥିଲେ। ସୁନାବେଶ ଓ ହେରାପଞ୍ଚମୀ ଦିନ ପ୍ରତିବର୍ଷ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପିପିଲି ଥାନା ସେକେଣ୍ଡ ଅଫିସର ସଂଘମିତ୍ରା ଚାନ୍ଦ ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି ସମେତ ଅଞ୍ଚଳର ବୁଦ୍ଧିଜୀବୀ ମନ୍ଦିତ ପୂଜକ ଓ ସେବାୟତ ମାନେ ଏହି ବେହଠକରେ ଉପସ୍ଥିତ ଥିଲେ।



## ଢେଙ୍କାନାଳ ବନଖଣ୍ଡରେ ଦନ୍ତାହାତୀର ମୃତ୍ୟୁ

ଢେଙ୍କାନାଳ,୧୩।୬(ନି.ପ୍ର): ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ରେଞ୍ଜ ଅଂଚଳରେ ଭିନ୍ନ ଭିନ୍ନ କାରଣରୁ କେତେକ ହାତୀଙ୍କ ସମେତ ଏକାଧିକ ଦନ୍ତାହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି । ବନଖଣ୍ଡର ହିନ୍ଦୋଳ ରେଞ୍ଜ ଅଧିନ କଡଲା ପଂଚାୟତ କଂସରକୁଟ ଗାଁ ନିକଟ ଚାଷ ଜମିରୁ ଏକ ଦନ୍ତାହାତୀ ମରି ପଡି ରହିଥିବା ଗ୍ରାମବାସୀଙ୍କ ଠାରୁ ଖବର ପାଇ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ ଏବଂ ହିନ୍ଦୋଳ ରେଞ୍ଜ ରେଞ୍ଜର ମଧୁସୁଦନ ପାତ୍ର ସଦଳବଳେ ପହଁଚି ଆଜି ପୂର୍ବାହ୍ନରେ ଦନ୍ତାହାତୀର ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ଶବକୁ ମାଟିରେ ପୋତି ଦେଇଥିଲେ । ମୃତ ଦନ୍ତାହାତୀର ବୟସ ପ୍ରାୟ ୨୦ ବର୍ଷ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ । ହାତୀ ମୃତ୍ୟୁ ସ୍ଥାନରେ କେତେକ ବାଉଁଶ, ବୋତଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ପଡିଥିବାରୁ ଜନ୍ତାରେ ପଡି ଦନ୍ତାହାତୀର ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ପରିସ୍ଥିତି ଅନୁମାନ କରାଯାଉଛି ବୋଲି ବନ କର୍ମଚାରୀ ମାନେ ପ୍ରକାଶ କରି ଘଟଣାର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ବନଖଣ୍ଡ ଅଂଚଳରେ ବାରମ୍ବାର ହାତୀ ଏବଂ ଦନ୍ତାହାତୀଙ୍କ ସମେତ ହାତୀ ଶାବକଙ୍କ ମୃତ୍ୟୁ ଘଟଣା ଉଦ୍‌ବେଗର କାରଣ ହୋଇଛି ।

# ଫନି ପରବର୍ତ୍ତୀ ଜୀବିକା ପୁନରୁଦ୍ଧାର ପାଇଁ ମିଳିତ ପ୍ରଚେଷ୍ଟା ଲୋଡା

ଭୁବନେଶ୍ୱର,୧୩/୦୬(ନିପ୍ର): ଅତି ପ୍ରବଳ ବାତ୍ୟା ଫଣୀରେ ରାଜ୍ୟର ୧୪ଟି ଜିଲ୍ଲାର ପ୍ରାୟ ୧୯ ହଜାର ଗ୍ରାମର ଅଧିବାସୀମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି । ରାଜ୍ୟର ଦୁଇ ଲକ୍ଷ ହେକ୍ଟର ଚାଷ ଜମି, ୩୨୯୦ଟି ଗୋଷ୍ଠୀ ପରିଚାଳିତ ଉଠା ଜଳସେଚନ ପ୍ରକଳ୍ପ, ନଅ ମିଲିଅନ୍ ପଶୁ ସମ୍ପଦ ପ୍ରଭାବିତ ହେବା ସହ ୫.୩ ମିଲିଅନ୍ କୁକୁଡା ମରିଛନ୍ତି ଏବଂ ୬୩୯୦ ପାରମ୍ପରିକ ମାଛ ଧରା ଡଙ୍ଗା ଓ ୭୨୪୦ ମାଛ ଧରା ଜାଲ ନଷ୍ଟ ହୋଇଛି । ଜଙ୍ଗଲ ଅଞ୍ଚଳରେ ନଅ ଲକ୍ଷରୁ ଉର୍ଦ୍ଧ୍ୱ ଏବଂ ଅଣ-ଜଙ୍ଗଲ ଅଞ୍ଚଳରେ ପ୍ରାୟ ପାଞ୍ଚ ଲକ୍ଷ ଗଛ ଉପୁଡି ପଡିଛି । ଉପକୂଳ ଓଡିଶାର ଫଣୀ ପ୍ରଭାବିତ ଜିଲ୍ଲାରେ ଗରିବୀର ମାତ୍ରା ବୃଦ୍ଧି ସାଙ୍ଗକୁ ବେରୋଜଗାରୀ ଓ ଦେଶାନ୍ତର ସମସ୍ୟା ମଧ୍ୟ ଉକ୍‌ଟ ହେବାରେ ଲାଗିଛି । ଏହି ସମସ୍ୟାଗୁଡିକର ତ୍ୱରିତ ପନ୍ଥା ସ୍ୱରୂପ ନିରନ୍ତର ଜୀବିକା ପୁନରୁଦ୍ଧାର ନିହାତି ଅପରିହାର୍ଯ୍ୟ ବୋଲି ଫଣୀ ମୁକାବିଲା ସାମାଜିକ ଅନୁଷ୍ଠାନ ସମୂହ ତରଫରୁ 'ଉଦ୍ୟମ' ଓ 'ସିଓ୍ୱାଇଏସ୍‌ଡି'ର ମିଳିତ ଅନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । କୃଷି କ୍ଷେତ୍ରରେ ଗୁଣାତ୍ମକ ବିହନ, ଇନ୍‌ପୁଟ୍ ସବସିଡି, ବୈଷୟିକ ଜ୍ଞାନକୌଶଳ ଆଦିର ପ୍ରୟୋଗ ଏବଂ ଉଦ୍ୟାନ କୃଷି ପାଇଁ ପ୍ରୋତ୍ସାହନ ଓ ଚାରା ରୋପଣ ଆଦିକୁ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ବୋଲି ଆଲୋଚନା ଚକ୍ରରେ ଉପସ୍ଥିତ ସରକାରୀ ଅଧିକାରୀ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଫଣୀ ପ୍ରଭାବିତ ପଞ୍ଚାୟତର ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି । ଚାଷ, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ପାନ ବରଜ, ପରିବା ଚାଷ, ଛତୁ ଚାଷ, ଗୋ ଓ କୁକୁଡା ପାଳନ, ହସ୍ତତନ୍ତ ଓ ହସ୍ତଶିଳ୍ପ ଆଦି କ୍ଷେତ୍ରରେ ସ୍ୱଳ୍ପ ଓ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ଭିତ୍ତିରେ ନିରନ୍ତର ଓ ବିପର୍ଯ୍ୟୟ ପ୍ରତିରୋଧୀ ଚାଷ ଏବଂ ଖାଦ୍ୟ ସୁରକ୍ଷା ପ୍ରଣାଳୀ କରାଯିବାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି । ଚାଷ ପ୍ରଣାଳୀ, ଅମଳ ପୂର୍ବରୁ ଓ ପରବର୍ତ୍ତୀ ସମୟରେ ଖାଦ୍ୟ ଶସ୍ୟର ସୁରକ୍ଷା ପାଇଁ ବୀମା ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳର ହସ୍ତକଳା, ହସ୍ତଶିଳ୍ପ, କ୍ଷୁଦ୍ର ବ୍ୟବସାୟ ଆଦିର ପୁନରୁଦ୍ଧାର ଉପରେ ମଧ୍ୟ ଜରୁରୀକାଳୀନ ଭିତ୍ତିରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ଅଞ୍ଚଳରେ ରୋଜଗାର ଅଭାବରୁ ସ୍ଥାନାନ୍ତର ରୋକିବା ପାଇଁ କୌଶଳ ଓ କାର୍ଯ୍ୟ ଦକ୍ଷତା ବିକାଶ



ନିହାତି ଅପରିହାର୍ଯ୍ୟ ବୋଲି ବୁଦ୍ଧିଜୀବୀମାନେ ସୁପାରିଶ କରିଛନ୍ତି । ସେହିପରି ଜୀବିକାର ପୁନରୁଦ୍ଧାର ପାଇଁ ସରକାରଙ୍କ ଘୋଷିତ ପ୍ୟାକେଜ୍ ସର୍ବସାଧାରଣରେ ପହଞ୍ଚାଇବା ଓ ଉପାନ୍ତ ଅଞ୍ଚଳର ପ୍ରଭାବିତମାନଙ୍କ ଅଧିକାର ବିଷୟରେ ସଚେତନତା ବୃଦ୍ଧି ଆବଶ୍ୟକ ବୋଲି ବକ୍ତାମାନେ ମତ ପୋଷଣ କରିଛନ୍ତି । ସାଧାରଣ ଲୋକମାନଙ୍କର ଜୀବିକା ପୁନରୁଦ୍ଧାର ଦିଗରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଓ ଏହାର ସଫଳ ରୂପାୟନ ଦିଗରେ ସରକାରୀ କର୍ମଚାରୀ, ସାମାଜିକ ଅନୁଷ୍ଠାନ, ପଞ୍ଚାୟତ ପ୍ରତିନିଧି, ଗୋଷ୍ଠୀ ସ୍ତରୀୟ ସଙ୍ଗଠନ ଓ ସାଧାରଣ ଲୋକମାନଙ୍କର ମିଳିତ ଉଦ୍ୟମରେ ହିଁ ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ନଡିଆ, କାଜୁ, ଆକାଶିଆ ଆଦି ଭଳି ଅର୍ଥକାରୀ ଫସଲ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କୁ ଉନ୍ନତମାନର ଚାରା ଯୋଗାଇଦେବା ସହ ବିଧବା ଓ ଏକାକୀନି ମହିଳା, ଦିବ୍ୟାଙ୍ଗ ଆଦିମାନଙ୍କ ଭଳି ସ୍ୱତନ୍ତ୍ର ଗୋଷ୍ଠୀମାନଙ୍କ ଜୀବିକାର ପୁନରୁଦ୍ଧାର ଦିଗରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ରାଧାମୋହନ ମତ ପୋଷଣ କରିଛନ୍ତି । ସମୁଦ୍ର ତଟବର୍ତ୍ତୀ ଗ୍ରାମଗୁଡିକରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅଧିନରେ ତୁରନ୍ତ ଘେରି ବନ୍ଧ ନିର୍ମାଣ କାର୍ଯ୍ୟ କରାଯାଇପାରିଲେ ରୋଜଗାର ସୃଷ୍ଟି ସହ ସ୍ଥାନାନ୍ତର ରୋକାଯାଇପାରିବ ଏବଂ ବର୍ଷରେ ଦୁଇ ଥର ଧାନ ଚାଷ ମଧ୍ୟ କରାଯାଇପାରିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି । ଗ୍ରାମପଞ୍ଚାୟତରେ ଥିବା ପଶୁମାନଙ୍କ ସଂଖ୍ୟା ତୁଳନାରେ ରିଲିଫ୍ ବାବଦକୁ ମିଳୁଥିବା ଗୋଖାଦ୍ୟ ପର୍ଯ୍ୟାପ୍ତ ନୁହେଁ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାଙ୍କ ଜରିଆରେ ପାରିଶ୍ରମିକ ପଇଠ ପ୍ରକ୍ରିୟା ଯୋଗୁଁ ଲୋକମାନେ କାମ କରିବାକୁ ରାଜି ହେଉନଥିବା ଆଲୋଚନା ଚକ୍ରରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ମତ ବ୍ୟକ୍ତ କରିଛନ୍ତି । ଫଣୀ ପ୍ରଭାବିତ ଅଞ୍ଚଳରେ ଜୀବିକାର ପୁନରୁଦ୍ଧାର ଓ ଚିରସ୍ଥାୟୀ ବିକଳ୍ପ ଜ୍ଞାନକୌଶଳ ଦିଗରେ ଆମେରିକା ସ୍ଥିତ ପ୍ରବାସୀ ଓଡିଆ ସମାଜ ସହଯୋଗ କରିପାରିବ ବୋଲି ଏହି ଆଲୋଚନା ଚକ୍ରରରେ ଉପସ୍ଥିତ ଏହାର ସଭାପତି ଲଲାଟେନ୍ଦୁ ମହାନ୍ତି ମତ ବ୍ୟକ୍ତ କରିଛନ୍ତି । ସରକାରଙ୍କ କୃଷି ସହାୟତା ରାଶି ବିଷୟରେ ଉପସ୍ଥାପନା କରିବା ସହ ଫସଲ ବୀମା ମାଧ୍ୟମରେ କ୍ଷୟକ୍ଷତିର ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ୍ ବୀମା ଯୋଜନାରେ ସମସ୍ତ ଚାଷୀମାନେ ଅର୍ନ୍ତଭୁକ୍ତ ହେବା ଆବଶ୍ୟକ ଏବଂ ଏଥି ସକାଶେ ସାମାଜିକ ଅନୁଷ୍ଠାନ, ପଞ୍ଚାୟତ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ମାନେ ସଚେତନତା ସୃଷ୍ଟି କରିବା ଦିଗରେ ସରକାରଙ୍କୁ ସହଯୋଗ କରନ୍ତୁ ବୋଲି କୃଷି ବିଭାଗର ଶ୍ରୀମତୀ ନନ୍ଦିନୀ ଦଳେଇ ଆଶା ପୋଷଣ କରିଛନ୍ତି । ବାତ୍ୟା ପ୍ରଭାବିତ ଅଞ୍ଚଳରେ ୫୦ ପ୍ରତିଶତ ପ୍ରମାଣିକୃତ ବିହନ ଯୋଗାଯିବାର ସମ୍ଭାବନା ସମ୍ପର୍କରେ ଇମେଜ୍‌ର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି । ଅନୁସୂଚିତ ଜାତି ବର୍ଗର ୪୦ ପ୍ରତିଶତରୁ ଅଧିକ ଲୋକସଂଖ୍ୟା ଥିବା ଅଞ୍ଚଳଗୁଡିକୁ ଅନୁସୂଚିତ ଜାତି ଉପଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତିରେ ସାମାଜିକ ଅନୁଷ୍ଠାନମାନେ ଆଗକୁ ଆସି ସରକାରଙ୍କୁ ସହଯୋଗ କରିବା ପାଇଁ ସିଫାର ଜେ. କେ. ସୁନ୍ଦରାୟ ଅହ୍ୱାନ ଦେଇଛନ୍ତି । ନଷ୍ଟ ହୋଇଥିବା ନଡିଆ ବଗିଚା ସଫା କରିବା ପାଇଁ ହେକ୍ଟର ପିଛା ୩୨,୦୦୦ ଟଙ୍କା ହିସାବରେ ସରକାରଙ୍କ ସହାୟତା ରାଶି ରହିଛି ଯାହାକି ଅନେକ ଚାଷୀ ଜାଣି ନାହାଁନ୍ତି, ଏହି ପରିପ୍ରେକ୍ଷୀରେ ଲୋକ ସେଚତନତା ବୃଦ୍ଧି କରିବା ଆବଶ୍ୟକ ବୋଲି ନାରିକେଳ ପରିଷଦର ଉପ ନିର୍ଦ୍ଦେଶକ ଡ. ରଜତ୍ ପାଲ କହିଛନ୍ତି । ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଭିତ୍ତିରେ ଦକ୍ଷତା ବୃଦ୍ଧି ସମେତ ଅଧିକାର ବିଷୟରେ ଲୋକମାନଙ୍କୁ ସଚେତନ କରିବା ଦିଗରେ ବ୍ୟାପକ ସୂଚନା ବତରଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯିବା ସହ ଫଣୀ ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ସୁଯୋଗର ସଦୁପଯୋଗ ଏବଂ ସମ୍ଭାବନା ବିଷୟରେ ସାମାଜିକ କର୍ମୀମାନଙ୍କର ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକ ଉପରେ ସିଓ୍ୱାଇଏସ୍‌ଡିର ମାର୍ଗଦର୍ଶକ ଓ ସହ-ପ୍ରତିଷ୍ଠାତା ଜଗଦାନନ୍ଦ ଗୁରୁତ୍ୱାରୋପ କରିଛନ୍ତି ।

## ପ୍ରଗତିଶୀଳ ସାହିତ୍ୟିକ ଓ ସାମ୍ୟବାଦୀ ଶିକ୍ଷାବିତ୍ ଡା. ଲକ୍ଷ୍ମୀନାରାୟଣ ରାୟସିଂହଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୩/୬(ନିପ୍ର):** ନୂଆଦୁନିଆର ସମ୍ପାଦକ, ପ୍ରଖ୍ୟାତ ଶିକ୍ଷକ ନେତା ଡଃ ଲକ୍ଷ୍ମୀନାରାୟଣ ରାୟସିଂହ କେବଳ ଜଣେ ସୁସାହିତ୍ୟିକ ନଥିଲେ, ସେଥିଲେ ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର । ଛାତ୍ରଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ପରେ ସାମ୍ୟବାଦ ଆଦର୍ଶ ପ୍ରତି ଆକୃଷ୍ଟ ହୋଇ କୃଷକ ଆନ୍ଦୋଳନରେ ଏବଂ ସୀମା ଆନ୍ଦୋଳନରେ ଅନ୍ୟତମ ଛାତ୍ର ନେତା, ଛାତ୍ରସଂଘର ରାଜ୍ୟ ସାଧାରଣ ସଂପାଦକ, ପରେ କିଛିକାଳ ପାଇଁ 'ସମୟ' ଓ 'ସାମ୍ମୁଖ୍ୟ' ପତ୍ରିକାର ପ୍ରକାଶନ ଏବଂ ଦୈନିକ 'ଜନଶକ୍ତି'ର ସହ-ସମ୍ପାଦକ ଥିଲେ । ସେ ଏକାଧାରରେ ଶିକ୍ଷକ ମହାସଂଘର ନେତା ଓ ବାମପନ୍ଥୀ ଆନ୍ଦୋଳନ ସହ ସଂପୃକ୍ତ ଥିବା ଏହି ମାର୍କ୍ସବାଦୀ ତତ୍ତ୍ୱବିତ୍ ମୃତ୍ୟୁ ପର୍ଯ୍ୟନ୍ତ ସାପ୍ତାହିକ 'ନୂଆଦୁନିଆ'ର ସମ୍ପାଦକ ଓ





ଦୈନିକ ଉତ୍କଳ ସମାଜର ମୁଖ୍ୟ ସମ୍ପାଦକ ରୂପେ କାର୍ଯ୍ୟନିର୍ବାହ କରି ସବୁ କ୍ଷେତ୍ରରେ ତାଙ୍କ ପଦଚିହ୍ନ ରଖିଯାଇଛନ୍ତି । ଆଜି ଭଗବତୀ ଭବନଠାରେ 'ନୂଆଦୁନିଆ' ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ନେତୃବୃନ୍ଦ ଓ ବୁଦ୍ଧିଜୀବି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା କହିଛନ୍ତି । ଡକ୍ଟର ସୌରୀବନ୍ଧୁ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ ନେତା ଦିବାକର ନାୟକ, ସଂଗ୍ରାମୀ ସୋମନାଥ ପାତ୍ର, ସିପିଆଇ ରାଜ୍ୟ ସହସଂପାଦକ ଡକ୍ଟର ପ୍ରଶାନ୍ତ ମିଶ୍ର, ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂହ, ବିଶ୍ୱ ଶିକ୍ଷକ ସଂଘର ସାଧାରଣ ସଂପାଦକ ଡକ୍ଟର ଅମୀୟ ମହାନ୍ତି, ଶିକ୍ଷକ ମହାସଂଘର ନେତା ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପୂର୍ବତନ ବିଧାୟକ ନାରାୟଣ ରେଡ଼ି, ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ଉତ୍କଳ ମହିଳା ସମିତିର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ସ୍ତମ୍ଭକାର ତୁଷାରକାନ୍ତ, ସତୀଶ ମିଶ୍ର, ପ୍ରଫୁଲ୍ଲ ତ୍ରିପାଠୀ, ରମେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ପାଇକରାୟ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ବସନ୍ତ ପାଇକରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ନୂଆଦୁନିଆର କାର୍ଯ୍ୟନିର୍ବାହୀ ସଂପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହଯୋଗୀ ସମ୍ପାଦକ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ବହୁ ଶ୍ରମିକ, କର୍ମଚାରୀ, ଶିକ୍ଷକ, ମହିଳା, ସମ୍ବାଦିକ, ଛାତ୍ର ଓ ଯୁବକ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଚଢ଼େଇପଲ୍ଲୀରେ ପାନୀୟ ଜଳ ପ୍ରକଳ୍ପ ଅଚଳ

**ଦଶପଲ୍ଲା,୧୩/୬(ନିପ୍ର):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଚଢେୟାପଲ୍ଲୀ ପଂଚାୟତ କାର୍ଯ୍ୟାଳୟ ଠାରେ ଥିବା ପାନୀୟ ଜଳ ପ୍ରକଳ୍ପଟି ଦିର୍ଘ ଦିନ ଧରି ଅଚଳ ହୋଇ ପଡିଛି । ଅସହ୍ୟ ଖରାରେ ଜନସାଧାରଣ ଡହଳବିକଳ ହୋଇ ପଡିଥିବା ବେଳେ ଉକ୍‌ଟ ହୋଇ ପାଡିଛି ପାନୀୟ ଜଳ ସମସ୍ୟା । କିଏ କୂଅ ଓ ପୁଣି କିଏ ନାଳରୁ ଚୁଆ କରି ପାଣି ଆଣୁଥିବା ଅଭିଯୋଗ ହେଉଛି । ଏହି ପ୍ରକଳ୍ପ ଉପରେ ପଂଚାୟତର ୩ଟି ଓ୍ୱାର୍ଡର ଶତାଧିକ ପରିବାର



ନିର୍ଭଦଶୀଳ । ୧ ଲକ୍ଷ ଲିଟର କ୍ଷମତା ସମ୍ପର୍ଣ୍ଣ ପାନୀୟ ଜଳ ପ୍ରକଳ୍ପଟି ଏଭଳି ଅଧିକାଂଶ ସମୟ ଅଚଳ ହୋଇ ପଡୁଥିବା ବେଳେ ଏଥିପ୍ରତି ବିଭାଗୀୟ କତୃପକ୍ଷ ଗୁରୁତ୍ୱ ଦେଉନଥିବା ଅଚଳବାସୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମଦନ ସିଂ ଙ୍କ କହିବା ଅନୁଯାୟୀ ବିଦ୍ୟୁତ୍ ସମସ୍ୟା ହେତୁ ଏହା କିଛି ଦିନ ହେଲା କାମ କରୁନି । ଏହାର ତୁରନ୍ତ ମରାମତି କରାଯିବା ପାଇଁ କୁହାଯାଇଥିବା ସେ କହିଛନ୍ତି ।

## ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ୍ ଓ ଜୋରିମାନା ଆଦାୟ

**ଦଶପଲ୍ଲା,୧୩/୬(ନିପ୍ର):** ନୟାଗଡ ଓ ବୌଦ୍ଧ ଜିଲ୍ଲା ସୀମାନ୍ତ ବାଣିଗୋଛା ଠାରେ ବାଣିଗୋଛା ପୁଲିସ ପକ୍ଷରୁ ଆଜି ବିଭିନ୍ନ ଯାନବାହାନ ଯାଚଂ କରାଯାଇଛି । ବିଭିନ୍ନ ସମୟରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରୁ ବିଭିନ୍ନ ଚୋରା ସାମଗ୍ରୀ ଜିଲ୍ଲା ମଧ୍ୟ ଦେଇ ବାହାରକୁ ଚାଲାଣ ହୋଇ ଆସୁଥିବା ଅଭିଯୋଗ ହୋଇ ଆସୁଛି । ମାତ୍ର ଆଜି ବିଭିନ୍ନ ଯାନ ବାହାନ ଯାଚଂ କରାଯିବା ସହ ୧୧ଟି ଗାଡିରୁ ୧ ହଜାର ୩ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ପୁଲିସ ପକ୍ଷରୁ ଜଣାପଡିଛି ।

## ଢେଙ୍କାନାଳରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳିତ



**ଢେଙ୍କାନାଳ,୧୩।୬(ନି.ପ୍ର):** ଢେଙ୍କାନାଳ ସଦର ମହକୁମା ସ୍ଥିତ ଜିଲ୍ଲା ବିଜ୍ଞାନ କେନ୍ଦ୍ରର ଅଡିଟୋରିୟମ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରା ଯାଇଥିଲା । ଏହି ଦିବସ ପାଳନ ଉତ୍ସବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଅଧକ୍ଷତା କରି ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ସେମାନଙ୍କ ବିକାଶରେ ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ପବ୍ଲିକ ପ୍ରସିକ୍ୟୁଟର ଗଣେଶ୍ୱର ବେହେରା ଯୋଗଦେଇ ଭାରତରେ ଶିଶୁ ଶ୍ରମିକ ପରିସଂଖ୍ୟାନ ବୃଦ୍ଧିର କାରଣ ଏବଂ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିଭଳି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁରାଧା ଗୋସ୍ୱାମୀ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଶିଶୁ ଶ୍ରମିକ ଉଚ୍ଛେଦ କରିବା ପାଇଁ ସମ୍ବିଧାନରେ ଉଲ୍ଲେଖ ଥିବା ବିଭିନ୍ନ ଧାରା ବିଷୟରେ ଗ୍ରାମାଂଚଳ ଶ୍ରମ ଅଧିକାରୀ ରଶ୍ମିରଞ୍ଜନ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ସମାଜସେବୀ ଶାନ୍ତିଲତା ମିଶ୍ର ଉପସ୍ଥିତ ରହି ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ପ୍ରତ୍ୟେକ ନାଗରିକଙ୍କର ପ୍ରମୂଖ ଭୂମିକା ଥିବା କହିଥିବା ବେଳେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଏବଂ ଏଥିପାଇଁ ଚଳିତ ବର୍ଷର ପ୍ରସଙ୍ଗ ଉପରେ ଆକ୍ସନ ଏଡ୍ ଇଣ୍ଡିଆର ଢେଙ୍କାନାଳ ଜିଲ୍ଲା ସଂଯୋଜିକା ଅଙ୍ଗୁରବାଳା ମିଶ୍ର ଆଲୋକପାତ କରି ନିଜର ବ୍ୟକ୍ତିଗତ ଅଭିଜ୍ଞତା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ଏହି ଦିବସ ପାଳନକୁ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ କ୍ଷୀରୋଦ କୁମାର ବେହେରା ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଇସୋ ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳୀ ଜେନା, ଶିଶୁ ସୁରକ୍ଷା ଏବଂ ଅଣ-ସାଂଗଠନିକ ଯତ୍ନ ଅଧିକାରୀ ସୁବାସ ମଲ୍ଲିକ, ପ୍ରୋବେସନର ଅଫିସର ପ୍ରଦୀପ୍ତ କୁମାର ସାହୁ ଏବଂ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ବିମଳେନ୍ଦୁ ମହାପାତ୍ର ପ୍ରମୂଖ ଯୋଗ ଦେଇଥିଲେ । ଏହି ଦିବସ ପାଳନ ଅବସରରେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଏବଂ ବିଶ୍ୱ କୁନ୍ତଳ ଶିଶୁ ଗୃହର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିଶୁ ଶ୍ରମିକ ଉପରେ ନାଟକ ପରିବେଷଣ କରା ଯାଇଥିଲା ।

## ଫନି ବାତ୍ୟାରେ ଡେଲାଙ୍ଗରେ ୯୫% ଶୌଚାଳୟ ଭାଙ୍ଗି ନଷ୍ଟ

ଡେଲାଙ୍ଗ,୧୩।୬(ନିପ୍ର): ବାତ୍ୟା ଫନିରେ ଡେଲାଙ୍ଗ ବ୍ଲକରେ ୨୫ ହଜାର ପାଇଖାନାରୁ ୯୫ ପ୍ରତିଶତ ଏବେ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ତାହ ଘରୋଇ ବ୍ୟବହାର ପାଇଁ ଅନୁପୋଯୋଗୀ ହୋଇଛି । ଭାଙ୍ଗିଯାଇଥିବା ଶୌଚାଳୟର ପୁନଃ ନିର୍ମାଣ ଓ ମରାମତି ଯଥାଶୀଘ୍ର କରାଯିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ୨୦୧୮ ରେ ଡେଲାଙ୍ଗ ବ୍ଲକକୁ ବାହ୍ୟ ମଳମୁକ୍ତ ବ୍ଲକ ରୂପେ ଜିଲ୍ଲା ପ୍ରଶାସନ ଘୋଷଣା କରିଥିଲେ । ଏହି ଫନି ବାତ୍ୟାରେ ୧୫ ପ୍ରତିଶତ ବ୍ୟକ୍ତିଗତ ଶୌଚାଳୟ ୮୦ ପ୍ରତିଶତ ସ୍ୱଚ୍ଛଭାରତ ନିର୍ମାଣ ଶୌଚାଳୟ ଗୁଡ଼ିକ ଭାଙ୍ଗିଯାଇଥିବା ଖବର ମିଳିଛି ।

## ଯାଜପୁର ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ ବୈଠକ

**ଯାଜପୁର,୧୩।୬(ନିପ୍ର):** ଆଗାମୀ ଖରିଫ ଚାଷ ପାଇଁ ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ରଂଜନ କୁମାର ଦାସ କୃଷି ଓ କୃଷକର ଉନ୍ନତି ପାଇଁ ସରକାର ଅନେକ ଯୋଜନା କରିଚ୍ଛନ୍ତି । ତେଣୁ ଏହି ଯୋଜନାର ସୁ ଫଳ ଯେପରି ଚାଷୀ ପାଇବା ସହ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ସେଥିପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ କୃଷି ଉପ-ନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ କୃଷିର ସ୍ଥିତି ସଂପର୍କୀୟ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ମୋଟ ୧୪୫୪୫୦ ଚାଷ ଜମି ମଧ୍ୟରୁ ୫୧୭୫୪ ହେକ୍ଟର, ମଧ୍ୟମ ୪୮୦୩୬ ହେକ୍ଟର, ଖାଲୁଆ ଜମି ୪୫୬୬୦ ହେକ୍ଟର ପରିମିତ ରହିଚ୍ଛି । ଏଥିରୁ ୧୧୭୦୦୦ ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟରେ ଅଣ ଧାନ ଫସଲ ଚାଷ କରାଯାଇଚ୍ଛି । ୨୦୧୮-୧୯ ରେ ଖରିଫରେ ୮୨୩୩୪ ହେକ୍ଟର ଓ ରବି ଋତୁରେ ୪୪୧୯୫ ହେକ୍ଟର ଜମିରେ ଜଳ ସେଚନ ମାଧ୍ୟମରେ ଚାଷ କରାଯାଇଥିଲା । ୨୦୧୮-୧୯ ରେ ୧୧୫୦୦୦ ହେକ୍ଟର ଜମିରେ ରବି ଋତୁରେ ଫସଲର ଲକ୍ଷ୍ୟଧାର୍ଯ୍ୟ



ଥିବାବେଳେ ୧୦୩୬୫୪ ହେକ୍ଟରରେ ଫସଲ କରାଯାଇଥିଲା ଯାହା ଶତକଡା ୯୦.୧୩ ଭାଗ । ୨୦୧୮-୧୯ ରେ ୧୦୫୫୦ ମୃତ୍ତିକା ପରୀକ୍ଷାର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୫୦୧୮ ଟି ପରୀକ୍ଷା କରାଯାଇଥିଲା । ରବି ଋତୁରେ ବିଭିନ୍ନ ମିନିକିଟ୍ ମାଧ୍ୟମରେ ନୂଆ ପ୍ରଜାତିର ଶୋରିଷ, ଚିନାବାଦାମ, ମୁଗ, ବିରି ଇତ୍ୟାଦି ଚାଷୀ ମାନଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଉନ୍ନତ ପ୍ରଦର୍ଶନ ଯାଜପୁର, ରସୁଲପୁର, ବଡଚଣା ବ୍ଲକ ପାଇଁ ୨୦୦ ହେକ୍ଟରରେ ଚିନାବାଦାମ, ବିଂଝାରପୁର, ଦଶରଥପୁର, ବଡଚଣା, ରସୁଲପୁର ବ୍ଲକ ପାଇଁ ୫୦୦ ହେକ୍ଟର ମୁଗ, ଅନ୍ୟାନ୍ୟ ବ୍ଲକ ପାଇଁ ୧୦୦୦ ହେକ୍ଟର ମୁଗ, ଯାଜପୁର , ଦଶରଥପୁର ବ୍ଲକ ପାଇଁ ୩୦୦ ହେକ୍ଟର ବିରି ଓ ଯାଜପୁର, ବିଂଝାରପୁର ଓ ଧର୍ମଶାଳା ବ୍ଲକ ପାଇଁ ମୁଗ ୩୦୦ ହେକ୍ଟର ପାଇଁ ବ୍ୟବସ୍ଥା କରାଯାଇଥିଲା । ପ୍ରତି ହେକ୍ଟର ପିଚ୍ଛା ୩୮.୬୮ କି: ଗ୍ରା: ସାର ବ୍ୟବସ୍ଥା କରାଯାଇଥିଲା । ୩୦୩ ଜଣ ଋଣ ନେଇଥିବା ଚାଷୀ ୨୯୫.୧୪ ହେକ୍ଟରରେ ଓ ଋଣ ନେଇଥିବା ଚାଷୀ ୫୫ ଜଣ, ଅଣ ଋଣ ଚାଷୀ ୯.୨୧ ହେକ୍ଟରେ ଚାଷ କରିଥିଲେ । ୨୦୧୯-୨୦ ବର୍ଷ ପାଇଁ ୧୪୨୭୫୦ ହେକ୍ଟର ଜମିରେ କୃଷି କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଚ୍ଛି । ସେହିପରି ୧୮୭୦ ହେକ୍ଟର ଜମିରେ ଆଖୁ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଚ୍ଛି । ୨୦୧୯-୨୦ ରେ ୧୪୨୩୪ ଟି ମୃତ୍ତିକା ପରୀକ୍ଷାର ଲକ୍ଷ୍ୟଧାର୍ଯ୍ୟ କରାଯାଇ ୩୯୮ ଟି ନମୁନା ସଂଗ୍ରହ ହୋଇଚ୍ଛି । ଉନ୍ନତ ବିହନ ଉଦ୍ଦେଶ୍ୟରେ ବିଭିନ୍ନ କିସମର ୨୧୦ ହେକ୍ଟର ଜମିରେ ଧାନ ଚାଷ କରାଯିବ । ୭୭୧୯ ହେକ୍ଟର ଜମିରେ ବିଭିନ୍ନ ଜଳସେଚନ ଉତ୍ସ ମାଧ୍ୟମରେ ଜଳସେଚିତ କରାଯିବ । ଗତ ଖରିଫରେ ଜିଲ୍ଲାରେ ୨୪୬୫୬ ମେଟ୍ରିକ ଟନ୍ ସାର ବ୍ୟବହୃତ ହୋଇଥିବା ବେଳେ ଚଳିତ ବର୍ଷ ୨୯୮୫୦ ମେଟ୍ରିକ ଟନ୍ ସାର ବ୍ୟବହାରର ଲକ୍ଷ୍ୟ ରଖାଯାଇଚ୍ଛି । ଗତ ଖରିଫରେ ହେକ୍ଟର ପିଚ୍ଛା ୯୫.୬୨ କ୍ୱିଣ୍ଟାଲ ସାର ବ୍ୟବହୃତ ହୋଇଥିବା ବେଳେ ଚଳିତ ବର୍ଷ ହେକ୍ଟର ପିଚ୍ଛା ୧୨୮ କ୍ୱିଣ୍ଟାଲ ହିସାବରେ ସାର ବ୍ୟବହାରର ଲକ୍ଷ୍ୟ ରଖାଯାଇଚ୍ଛି । ଚଳିତ ବର୍ଷ ବ୍ୟାପକ ସଚେତନତା ଓ ତାଲିମ ମାଧ୍ୟମରେ କୃଷିର ଉନ୍ନତି, ଉନ୍ନତ ବିହନ, କୀଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରତି ଗୁରୁତ୍ୱ ଦିଆଯାଇଚ୍ଛି ବୋଲି ଶସ୍ୟ ସଂରକ୍ଷଣ ଅଧିକାରୀ ଶ୍ରୀଧର ଦାସ ସୂଚନା ଦେଇଥିଲେ । ବର୍ଜ୍ୟ ବସ୍ତୁ ପରିଚାଳନା ଉପରେ ସରକାର ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଗୁରୁତ୍ୱ ଦେଉଚ୍ଛନ୍ତି । ତେଣୁ ପ୍ରଶାସନ ବିଭିନ୍ନ ସ୍ଥାନରେ ମାଟିରେ ମିଶୁଥିବା ଓ ମାଟିରେ ମିଶୁ ନ ଥିବା ଉପକରଣକୁ ସଂରକ୍ଷଣ କରି ପରବର୍ତ୍ତୀ ସମୟରେ ଖତ ସାରରେ ପରିବର୍ତ୍ତିତ ହେଉଥିବା ବର୍ଜ୍ୟ ବସ୍ତୁକୁ ଚାଷ କାର୍ଯ୍ୟରେ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଚ୍ଛି ବୋଲି ଜିଲ୍ଲାପାଳ ଶ୍ରୀ ଦାସ ସୂଚନା ଦେଇଥିଲେ । ନିମ୍ବ ଜାତୀୟ କୀଟ ନାଶକ ବ୍ୟବହାରକୁ ଉତ୍ସାହିତ କରିବାକୁ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡି.ଜି.ଏମ୍. ସୁବ୍ରତ ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଲୋକନାଥ ଜେନା, ଅନ୍ୟାନ୍ୟ କୃଷି ଅଧିକାରୀ ଓ ସହକାରୀ ମାନେ ଉପସ୍ଥିତ ଥିଲେ ।



# ହେଲୋ ପକ୍ଷରୁ କ୍ରିକେଟ୍ ବିଶ୍ୱକପ୍ ପାଇଁ "ଚିୟର୍ ଫର ଇଣ୍ଡିଆ' ଅଭିଯାନ

ଭୁବନେଶ୍ୱର, ୧୩।୬(ନି.ପ୍ର): ଭାରତର ଅଗ୍ରଣୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ହେଲୋ ପକ୍ଷରୁ କ୍ରିକେଟ୍ ବିଶ୍ୱକପ୍ ୨୦୧୯ ପାଇଁ "ଚିୟର ଫର୍ ଇଣ୍ଡିଆ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନରେ ହେଲୋ ପକ୍ଷରୁ ଏହାର ବ୍ୟବହାରକାରୀମାନଙ୍କୁ ଚିୟରଫରଇଣ୍ଡିଆ ହାସ୍‌ଟ୍ୟାଗ୍‌ରେ ଏବଂ ବିଶ୍ୱକପ୍ ୨୦୧୯କୁ ନେଇ ଅସଲି ବିଷୟବସ୍ତୁ ପୋଷ୍ଟ କରିବାକୁ ଅନୁପ୍ରାଣିତ କରୁଛି। ବ୍ୟବହାରକାରୀମାନେ ନିଜକୁ ସୁହାଇବା ଭଳି ୧୪ଟି ଭାରତୀୟ ଭାଷାରେ ବିଭିନ୍ନ ବିଷୟ ପୋଷ୍ଟ କରିପାରିବେ। ସବୁଠୁ ଭଲ ପୋଷ୍ଟ କରିଥିବା ବ୍ୟବହାରକାରୀମାନଙ୍କ ପାଇଁ ଲଣ୍ଡନ ଯାତ୍ରା କରିବା ଏବଂ ସେଠାରେ ଭାରତର ମ୍ୟାଚ୍‌କୁ ଦେଖିବାର ସୁଯୋଗ ରହିଛି।

ଏହି ଅଭିଯାନ ମେ' ୨୫ରୁ ଆରମ୍ଭ ହୋଇଛି ଯାହା ଜୁନ୍ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟ୍ ପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି। କିଛି ବିଜେତା ଲଣ୍ଡନରେ ଭାରତର ମ୍ୟାଚ୍ ଦେଖିବାର ଟିକଟ ଜିତିପାରିବେ ଏବଂ ଆଉ କିଛି ବିଜେତା ଆକର୍ଷଣୀୟ ପୁରସ୍କାର ହାସଲ କରିପାରିବେ। ଏହି ଅଭିଯାନ ସମ୍ପର୍କରେ ଶ୍ୟାମଙ୍ଗା ବରୋଆ, କନ୍‌ଟେଂଟ୍ ଅପରେସନ୍ ମୁଖ୍ୟ, ହେଲୋ କହିଛନ୍ତି ଯେ, "କ୍ରିକେଟ ହେଉଛି ଏକ ଧର୍ମ ଯାହା ସମସ୍ତଙ୍କୁ ଏକଜୁଟ କରିଥିବା ବେଳେ ଏହି ଅଭିଯାନ ଜରିଆରେ ଆମେ ହେଲୋ ସମାଜକୁ କ୍ରିକେଟ୍ ବିଶ୍ୱକପରେ ଭାରତକୁ ସମର୍ଥନ କରିବା ପାଇଁ ଏକଜୁଟ କରିଛି। ଆମର ଚିୟର ଫର ଇଣ୍ଡିଆ ଅଭିଯାନ ଜରିଆରେ ଆମେ ଆମର ୪୦ ନିୟୁତରୁ ଅଧିକ ମାସିକ ସକ୍ରିୟ ବ୍ୟବହାରକାରୀଙ୍କୁ ଉତ୍ସାହିତ ଏବଂ ସଂପୃକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନେ ୧୪ଟି ଭାରତୀୟ ଭାଷାରେ ଏହି ପ୍ଲାଟଫର୍ମରେ ନିଜର ଭାବନାକୁ ବ୍ୟକ୍ତ କରିପାରିବେ। ଆମେ କ୍ରିକେଟ୍ ପ୍ରେମୀ ଓ ଉତ୍ସାହୀଙ୍କୁ ଏକଜୁଟ କରିବାକୁ ଚାହିଁ ରହିଛୁ ଏବଂ ଭାରତର ସବୁଠୁ ଲୋକପ୍ରିୟ ଖେଳକୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରିଛୁ। ହେଲୋ ଏହି ଟୁର୍ଣ୍ଣାମେଂଟ୍ ପାଇଁ ଟିମ୍ ଇଣ୍ଡିଆକୁ ଶୁଭକାମନା ପ୍ରଦାନ କରୁଛୁ।

ହେଲୋ ପକ୍ଷରୁ ନିକଟରେ ନେପାଳରେ ହୋଇଥିବା ଏସିଆ କପ୍ ହ୍ୱିଲଚେୟାର କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ରେ ସହଯୋଗୀ ଭାବେ ସାମିଲ ହୋଇଥିଲା। ହେଲୋ ପ୍ରଥମ ସୋସିଆଲ ମିଡିଆ ସଂସ୍ଥା ଭାବେ ଭାରତୀୟ ହ୍ୱିଲଚେୟାର କ୍ରିକେଟ୍‌କୁ ସମର୍ଥନ କରୁଛି। ଏହା ଉକ୍ତ ଟୁର୍ଣ୍ଣାମେଂଟ୍‌ର ଡିଜିଟାଲ୍ ମିଡିଆ ପାର୍ଟନର୍ ହୋଇଥିଲା। ହେଲୋ ଆପ୍ ୧୪ଟି ଭାରତୀୟ ଭାଷାରେ ଉପଲବ୍ଧ ହେଉଛି ଏବଂ ବର୍ତ୍ତମାନ ଏହାର ୪୦ ନିୟୁତ ସକ୍ରିୟ ଗ୍ରାହକ ରହିଛନ୍ତି।

# କେଟିଏମ୍ ପକ୍ଷରୁ ଭଦ୍ରକରେ ଆକର୍ଷଣୀୟ ଷ୍ଟଂଟ୍ ସୋ

ଭୁବନେଶ୍ୱର, ୧୩।୬(ନି.ପ୍ର): ୟୁରୋପର ରେସିଂ କିମ୍ବଦନ୍ତୀ କେଟିଏମ୍ ପକ୍ଷରୁ ଭଦ୍ରକରେ ଆକର୍ଷଣୀୟ କେଟିଏମ୍ ଷ୍ଟଂଟ୍ ସୋ' ଆୟୋଜନ କରାଯାଇଛି। ପ୍ରଫେସନାଲ୍ ଷ୍ଟଂଟ୍ ପ୍ରଦର୍ଶନକାରୀମାନେ ଆଖିଦୃଶିଆ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି।



ଭଦ୍ରକର ବସ୍‌ଷ୍ଟାଣ୍ଡରେ ଏହି ଷ୍ଟଂଟ୍ ସୋ' ଆୟୋଜନ କରାଯାଇଥିଲା। ପ୍ରଫେସନାଲ୍ ଷ୍ଟଂଟ୍ ପ୍ରଦର୍ଶନକାରୀମାନେ କେଟିଏମ୍ ଡ୍ୟୁକ୍ ବାଇକ୍‌ରେ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି।

ଶ୍ରୀଯୁକ୍ତ ସୁମିତ ନାରଙ୍ଗ, ଉପ ସଭାପତି-ପ୍ରୋ ବାଇକିଙ୍ଗ, ବଜାଜ ଅଟୋ କହିଛନ୍ତି ଯେ, "କେଟିଏମ୍ ବ୍ରାଣ୍ଡ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ୍ ପାଇଁ ଜଣାଶୁଣା ଏବଂ ଏହା ସବୁ ବେଳେ ଚାହେଁ ଯେ ଗ୍ରାହକମାନେ କେଟିଏମ୍ ବାଇକ୍‌ର ରୋମାଂଚକୁ ଅନୁଭବ କରନ୍ତୁ। ପେସାଦାର ଷ୍ଟଂଟ୍ ସୋ ପ୍ରତି ପ୍ରମୁଖ ସହରରେ ଆୟୋଜନ କରାଯାଉଛି ଏବଂ ନିକଟ ଭବିଷ୍ୟତରେ ଏହାର କଳେବର ବୃଦ୍ଧି ପାଇବ। କେଟିଏମ୍ ହେଉଛି ଏକ ସ୍ୱତନ୍ତ୍ର ପ୍ରିମିୟମ୍ ବ୍ରାଣ୍ଡ୍ ଏବଂ ଆମେ କେଟିଏମ୍ ଗ୍ରାହକଙ୍କୁ ସ୍ୱତନ୍ତ୍ର କେଟିଏମ୍ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ।''

ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା ଏବଂ ସହରରେ ଏହା ବେଶ ଆଲୋଡ଼ନ ସୃଷ୍ଟି କରିଛି।

ବର୍ତ୍ତମାନ ସୁଦ୍ଧା କେଟିଏ୍ ଷ୍ଟଂଟ୍ ସୋ ସୁରଟ, ଅହମ୍ମଦାବାଦ, କାଂଚିପୁରଣ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଔରଙ୍ଗାବାଦ, ଜମ୍ମୁ, ଜଳନ୍ଧର, ଯୋଧପୁର, ହରିଦ୍ୱାର, ଭୋପାଳ, ଉନହିଲ, ଜବଲପୁର, ଗ୍ୱାଲିଅର, ଏବଂ ଅନ୍ୟ ପ୍ରମୁଖ ସହରରେ ଆୟୋଜନ କରାଯାଇଛି। କେଟିଏମ୍ ପ୍ରେମୀମାନେ କେଟିଏମ୍ ବାଇକ୍‌ଗୁଡ଼ିକୁ ଭଦ୍ରକର କେଟିଏମ୍ ଭଦ୍ରକ-ଶଙ୍କର ଗୌରୀ ଅଟୋମୋବାଇଲସ୍‌ରୁ କିଣିପାରିବ।

# ୟାଟ୍‌ସ ୧୨ତମ ସଂସ୍କରଣ ବିଜେତାଙ୍କ ଇସ୍ରୋ ପରିଦର୍ଶନର

ଭୁବନେଶ୍ୱର, ୧୩।୬(ନି.ପ୍ର): ଓଡ଼ିଶାରୁ ଟାଟା ଷ୍ଟିଲ୍‌ର ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) ୨୦୧୮-୧୯ ଦ୍ୱାଦଶତମ ସଂସ୍କରଣର ୨୦ ଜଣ ବିଜେତାମାନେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଅହମ୍ମଦାବାଦ ଠାରେ ଥିବା ମହାକାଶ ପ୍ରୟୋଗ କେନ୍ଦ୍ର (ଏସଏସି)ରେ ସପ୍ତାହବ୍ୟାପୀ ଶିକ୍ଷଣୀୟ ପରିଦର୍ଶନ ଶେଷ କରିବା ପରେ ଗତକାଲି ପ୍ରତ୍ୟାବର୍ତ୍ତନ କରିଛନ୍ତି। ୟାଟସ୍ ହେଉଛି ଟାଟା ଷ୍ଟିଲ୍‌ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯାହାକୁ ଓଡ଼ିଶାର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ସହଯୋଗିତାରେ ଆୟୋଜନ କରାଯାଉଛି।

ୟାଟସ୍ ଭଳି ସ୍ୱତନ୍ତ୍ର ଅଭିଯାନ ଜରିଆରେ ଟାଟା ଷ୍ଟିଲ୍ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ବାହାରେ ଚିନ୍ତା କରିବା ଏବଂ ପରିକଳ୍ପନାର ଶକ୍ତିକୁ ପାଳନ କରିବା ପାଇଁ ଉତ୍ସାହିତ ଓ ଅନୁପ୍ରାଣିତ କରୁଛି। ୨୦୧୮-୧୯ର ବିଷୟବସ୍ତୁ ଥିଲା "ମହାକାଶ ଅନୁସନ୍ଧାନ ବିଷୟରେ ଭାବନା, ଏବେ ଠାରୁ ପର ୫୦ ବର୍ଷ ପାଇଁ' ଏବଂ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଖୋଲା କୁଇଜ୍ ଓ ନବମ-ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସବୁ କିଛିକୁ ଅନୁଧ୍ୟାନ



କରିବା ପରେ ପ୍ରତି ଜିଲ୍ଲାର ଶ୍ରେଷ୍ଠ ଦୁଇ ଆବେଦନକୁ ୨୦୧୮ ଡିସେମ୍ବରରେ ଭୁବନେଶ୍ୱରର ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍‌ରେ ଆୟୋଜିତ ହୋଇଥିବା ଗ୍ରାଣ୍ଡ୍ ଫିନାଲେରେ ଭାଗ ନେବାକୁ ଆମନ୍ତ୍ରିତ କରାଯାଇଥିଲା।

ଓଡ଼ିଶାର ବିଭିନ୍ନ ସ୍ଥାନରୁ ବିଜେତା ହୋଇଥିବା ୧୨ ଛାତ୍ରୀ ଏବଂ ୮ ଛାତ୍ରଙ୍କ ଏକ ଦଳ ଏସ୍‌ଏସି ଅହମ୍ମଦାବାଦର ବିଭିନ୍ନ ଲାବୋରେଟୋରି ପରିଦର୍ଶନ କରିଥିଲେ ଏବଂ ସେଠାରେ ଦାୟିତ୍ୱରେ ଥିବା ବୈଜ୍ଞାନିକମାନଙ୍କ ସହିତ ସେମାନେ ଯେଉଁ ଗବେଷଣା କାର୍ଯ୍ୟ କରୁଛନ୍ତି ତାହା ଉପରେ ଆଲୋଚନା କରିଥିଲେ ଏବଂ ବୈଜ୍ଞାନିକମାନେ ଛାତ୍ରଛାତ୍ରୀଙ୍କୁ ନିଜ ଗବେଷଣା କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏଭଳି ଅଭିଯାନ ଆୟୋଜନ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଇସ୍ରୋର ବ୍ୟବସ୍ଥା ପରିଦର୍ଶନ କରାଇ ସେମାନଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରୁଥିବାରୁ ଏସ୍‌ଏସି/ଇସ୍ରୋ, ଅହମ୍ମଦାବାଦର ଡେପୁଟି ଡାଇରେକ୍ଟର (ଉପ ନିର୍ଦ୍ଦେଶକ) ଶ୍ରୀଯୁକ୍ତ ନିଲେଶ ଦେଶାଇ ଟାଟା ଷ୍ଟିଲ୍ ଓ ପ୍ଲାନେଟୋରିୟମ୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଇସ୍ରୋ ପରିଦର୍ଶନ ବ୍ୟତୀତ ଛାତ୍ରଛାତ୍ରୀମାନେ ଫିଜିକାଲ ରିସର୍ଚ୍ଚ ଲାବୋରେଟୋରି (ପିଆର୍‌ଏଲ୍) ପରିଦର୍ଶନ କରିବାର ସୁଯୋଗ ପାଇଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ବୈଜ୍ଞାନିକଙ୍କ ସହ ଆଲୋଚନା କରିଥିଲେ। ଭାରତର ମହାକାଶ କାର୍ଯ୍ୟକ୍ରମର କ୍ରମ ବିକାଶ ଏବଂ ଇସ୍ରୋ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିଥିଲେ। ଛାତ୍ରଛାତ୍ରୀମାନେ ଅହମ୍ମଦାବାଦରେ ଥିବା ଗୁଜୁରାଟ ସାଇନ୍ସ ସିଟି ମଧ୍ୟ ପରିଦର୍ଶନ କରିଥିଲେ। ୨୦୧୯ ଜୁନ୍ ୩ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏହି ପରିଦର୍ଶନ ଟ୍ରିପ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନକ କ୍ଷେତ୍ରକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ ବୈଜ୍ଞାନିକ ଓ ମହାକାଶଚାରୀ ହେବା ପାଇଁ ସେମାନଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ୨୦୦୭ରେ ୟାଟସ୍‌ର ଶୁଭାରମ୍ଭ ହୋଇଥିଲା। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ବିଶ୍ୱ ସ୍ତରୀୟ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବର୍ଷର ଓଡ଼ିଶାର ନବମ ଓ ଦଶମ ଶ୍ରେଣୀର ମୋଟ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରବନ୍ଧ ଲିଖନ ଏବଂ କୁଇଜ ପ୍ରତିଯୋଗିତା ମାଧ୍ୟମରେ ଚୟନ କରାଯାଉଛି ଏବଂ ଏହା ପରେ ସେମାନଙ୍କୁ ଇସ୍ରୋ କେନ୍ଦ୍ର ସହ ପରିଚିତ ହେବା ପାଇଁ ପରିଦର୍ଶନରେ ପଠାଯାଉଛି। ବିଗତ ୧୨ ବର୍ଷ ଭିତରେ ରାଜ୍ୟର ଏକ ଲକ୍ଷ ୩୮ ହଜାର ଯୁବ ବିଜ୍ଞାନ ଉତ୍ସାହୀ ୟାଟସ୍‌ରେ ଅଂଶଗ୍ରହଣ କରିଛନ୍ତି ଏବଂ ଭାରତରେ ଇସ୍ରୋର ଥିବା ବିଭିନ୍ନ ବ୍ୟବସ୍ଥା ବୁଲି ଦେଖିବା (ପରିଦର୍ଶନ) ପାଇଁ ୧୬୦ ବିଜେତା ଛାତ୍ରଛାତ୍ରୀ ସୁଯୋଗ ପାଇଛନ୍ତି।

# ଚଳିତ ଫାଦର୍ସ ଡ଼େ ଅବସରରେ ସ୍ୱତନ୍ତ୍ର ପ୍ଲାଟିନମ୍ କଲେକ୍ସନ

ଭୁବନେଶ୍ୱର, ୧୩।୬(ନି.ପ୍ର): ଚଳିତ ଫାଦର୍ସ ଡେରେ, ଆପଣଙ୍କ ଜୀବନର ସବୁଠାରୁ ସ୍ୱତନ୍ତ୍ର ପୁରୁଷ, ଯିଏକି ତାଙ୍କ ସାହାସ ଏବଂ ଶକ୍ତି ପରି ବିରଳ ତାଙ୍କୁ ଖୁସି କରାନ୍ତୁ । ଆପଣଙ୍କ ବାପାଙ୍କୁ ତାଙ୍କ ସହିତଥିବା ବିରଳ ସମ୍ପର୍କକୁ ପାଳନ କରିବା ପାଇଁ ଏକ ଷ୍ଟେଟମେଣ୍ଟ ପ୍ଲାଟିନମ୍ ଅଳଙ୍କାର ପିସ୍ ଉପହାର ଦିଅନ୍ତୁ । ପୁରୁଷ ମାନଙ୍କ ପାଇଁ ଥିବା ପ୍ଲାଟିନମ୍ ଅଳଙ୍କାରରେ ବୋଲ୍ଡ, ଅଣ୍ଡରଷ୍ଟେଟେଡ଼ ଏବଂ ପ୍ଲାଟିନମ୍ ବ୍ରେସଲେଟର କ୍ଲାସିକ ଡ଼ିଜାଇନ ଏବଂ ଚେନ୍ ରହିଛି । ଏହାର ଉତ୍କୃଷ୍ଟ କଲେକ୍ସନ ଗୁଡ଼ିକ ଆଧୁନିକ ପୁରୁଷ ମାନଙ୍କୁ ଦୃଷ୍ଟିରେରଖି ତିଆରି କରାଯାଇଛି । ଏହାର ଡ଼ିଜାଇନ ଗୁଡ଼ିକ ଜ୍ୟାମିତିକ ଆକୃତି ଏବଂ ପ୍ରକାର ଦ୍ୱାରା ଅନୁପ୍ରାଣିତ । କ୍ଲାସିକ ଚେନ୍‌ଠାରୁ ଆରମ୍ଭକରି ମୁଦି ଏବଂ ବ୍ରେସଲେଟ ପର୍ଯ୍ୟନ୍ତ, ଏହାର ପ୍ରତ୍ୟେକ ପିସ୍ ଆପରଙ୍କ ବାପାଙ୍କ ପରି ବିରଳ ପୁରୁଷଙ୍କୁ ସୁହାଇଲାପରି ଡ଼ିଜାଇନ କରାଯାଇଛି । ସମ୍ପୂର୍ଣ୍ଣ ଭାରତରେ ସମସ୍ତ ଅଗ୍ରଣୀ ସ୍ୱିକୃତିପ୍ରାପ୍ତ ପ୍ଲାଟିନମ ରିଟେଲର ମାନଙ୍କରେ ଉପଲବ୍ଧ । ଡ଼ିଜାଇନ ଏବଂ



ଆପଣଙ୍କ ନିକଟବର୍ତ୍ତି ପ୍ଲାଟିନମ୍‌ର ସ୍ୱିକୃତିପ୍ରାପ୍ତ ରିଟେଲର ସମ୍ପର୍କରେ ଅତିରିକ୍ତ ତଥ୍ୟ ପାଇବା ପାଇଁ www.preciousplatinum.infMp ଇନ୍ କରନ୍ତୁ ।

ଏକ ଝିଅ ପାଇଁ ତାର ବାପା ହେଉଛି ସୁପରହିରୋ ଏବଂ ରୋଲମଡ଼େଲ । ତାର ସମ୍ପୂର୍ଣ୍ଣ ଜୀବନ ବିଭିନ୍ନ ଆହ୍ୱାନଦେଇ ଗତି କରୁଥିବାବେଳେ, ବାପା ଏକ ଖୁଣ୍ଟଭଳି ଠିଆହୋଇ ତାକୁ ସମର୍ଥନ କରିଥାନ୍ତି, ଯିଏକି ତାଙ୍କ ଝିଅର ଆତ୍ମବିଶ୍ୱାସ ବଢାଇଥାନ୍ତି ଏବଂ ତା'ର ସ୍ୱପ୍ନ ଏବଂ ଲକ୍ଷ୍ୟକୁ ପରିହାର ନକରିବା ପାଇଁ ଉତ୍ସାହିତ କରିଥାନ୍ତି ।

ବିରଳ ସେହି ବାପା ଅଟନ୍ତି ଯେଉଁମାନେ ସେମାନଙ୍କ ଝିଅକୁ ସମସ୍ତ ବାପା ମା'ଙ୍କ ପସନ୍ଦ ମାଧ୍ୟମରେ କିଛି ଅଧିକ ପ୍ରଦାନ କରିଥାନ୍ତି, ଯାହାକି ସେମାନଙ୍କ ଛୋଟ ଝିଅ ସେମାନଙ୍କ ପୁଅପରି ଖୁସି ଏବଂ ସଫଳ ହେବା ପାଇଁ ଯୋଗ୍ୟ ଅଟେବୋଲି ବିଶ୍ୱାସ କରିଥାନ୍ତି । ଏକ ବାପା ଯିଏକି ତା'ର ଝିଅ ଉପରେ ବିଶ୍ୱାସ କରିଥାଏ ଏବଂ ନିଷ୍ପତି ନେବାରେ ବିଶେଷକରି ତାର ବିବାହ ସମୟରେ ତାକୁ ସ୍ୱାଧିନତା ଦେଇଥାନ୍ତି ସେପରି ବାପା ସତରେ ବହୁତ ବିରଳ ।

# ସାମ୍‌ସଙ୍ଗ ଇଣ୍ଡିଆ ଶୁଭାରମ୍ଭ କରିଛି ଗାଲାକ୍ସି ଏମ୍ ୪୦

ନୂଆଦିଲ୍ଲୀ, ୧୩।୬: ସାମ୍‌ସଙ୍ଗ ଇଣ୍ଡିଆ, ଦେଶର ସବୁଠାରୁ ବିଶ୍ୱସନୀୟ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ଓ ମୋବାଇଲ ବ୍ରାଣ୍ଡ ଆଜି ଗାଲାକ୍ସି ଏମ୍‌୪୦ ର ଶୁଭାରମ୍ଭର ଘୋଷଣା କରିଛି। ଏହା ହେଉଛି ଲୋକପ୍ରିୟ ଗାଲାକ୍ସି ଏମ୍ ସିରିଜ୍‌ରେ ଚତୁର୍ଥ ସ୍ମାର୍ଟଫୋନ୍। ଏହାକୁ ଟେକ୍‌ସାଭି ଲୋକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି, ନୂତନ ଭାବରେ ଶୁଭାରମ୍ଭ କରାଯାଇଥିବା ଗାଲାକ୍ସି ଏମ୍‌୪୦ ରେ ରହିଛି ୬.୩" ଏଫ୍‌ଏଚ୍‌ଡି+ ଇନ୍‌ଫିନିଟି ଓ ଡିସ୍‌ପ୍ଲେ, ପାୱାରଫୁଲ୍ ସ୍ନାପଡ୍ରାଗନ୍ ୬୭୫ ଅକ୍ଟା-କୋର ପ୍ରୋସେସର ଓ ଟ୍ରିପଲ୍ ରିୟର କ୍ୟାମେରା। ଗାଲାକ୍ସି ଏମ୍‌୧୦, ଏମ୍‌୨୦ ଓ ଏମ୍‌୩୦ ସ୍ମାର୍ଟଫୋନ୍‌ର ଲୋକପ୍ରିୟତା ତଥା ସଫଳତା ପରେ ଗାଲାକ୍ସି ଏମ୍‌୪୦ର ଶୁଭାରମ୍ଭ କରାଯାଇଛି। "ସାମ୍‌ସଙ୍ଗ ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ ଭାରତରେ ଅଭୂତପୂର୍ବ ସଫଳତା ଲାଭ କରିଛି। ଏହାକୁ ବିଶେଷ ଭାବରେ ଯୁବପୀଢ଼ି ଓ ଜେନ୍ ଜେଡ୍ ଗ୍ରାହକମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଗାଲାକ୍ସି ଏମ୍ ସିରିଜକୁ ଭାରତରେ ପରିକଳ୍ପନା କରାଯାଇଛି। ଆମେ ଆଶା କରିଛୁ ଯେ ଏହି ନୂତନ ଏମ୍‌୪୦ ଡିଭାଇସ୍ ଗ୍ରାହକମାନଙ୍କୁ ଆନନ୍ଦ ପ୍ରଦାନ କରିବ" ବୋଲି କହିଛନ୍ତି ଅସିମ୍ ୱାର୍ସି, ସିନିୟର ଭାଇସ୍ ପ୍ରେସିଡେଂଟ, ସାମ୍‌ସଙ୍ଗ ଇଣ୍ଡିଆ। "ସାମ୍‌ସଙ୍ଗ ଏମ୍ ସିରିଜ୍ – ଏମ୍‌୧୦, ଏମ୍‌୨୦, ଓ ଏମ୍‌୩୦ ପ୍ରଥମ ତ୍ରୟମାସରେ ସବୁଠାରୁ ବୃହତ୍ ଶୁଭାରମ୍ଭ ଥିଲା। ଏହା ଆମାଜନ୍.ଇନ୍‌ରେ ଗ୍ରାହକମାନଙ୍କ ଦ୍ୱାରା ଉଲ୍ଲେଖନୀୟ ଆଦୃତି ଲାଭ କରିଥିଲା। ଏମ୍‌୪୦ ଏହାର ପୂର୍ବ ମଡେଲ୍ ପରି ସର୍ବୋତମ ବୈଶିଷ୍ଟ୍ୟ ତଥା ପ୍ରିମିୟମ ଅନୁଭୂତି ପ୍ରଦାନ କରିଥାଏ। ଏହାର ଶୁଭାରମ୍ଭ ସହିତ ଆମେ ସ୍ମାର୍ଟଫୋନ୍ କାଟାଗୋରିରେ ଏକ ଦୃଢ଼ ପୋର୍ଟଫୋଲିଓ ସୃଷ୍ଟି କରିପାରିଛୁ ତଥା ଗ୍ରାହକମାନଙ୍କୁ ଚୟନ କରିବା ପାଇଁ ବହୁତ ବିକଳ୍ପ ତଥା ଅତୁଳନୀୟ ସଫିଂ ଅନୁଭୂତି ପ୍ରଦାନ କରିପାରିଛୁ" ବୋଲି କହିଛନ୍ତି ମନିସ୍ ତିୱାରୀ, ଭାଇସ୍ ପ୍ରେସିଡେଂଟ, କାଟେଗୋରି ମ୍ୟାନେଜ୍‌ମେଂଟ, ଆମାଜନ୍ ଇଣ୍ଡିଆ। ଗ୍ରାହକମାନଙ୍କୁ ସୁପରିୟର ସ୍କ୍ରିନ୍ ଅନୁଭୂତି ପ୍ରଦାନ କରିବା ପାଇଁ ଗାଲାକ୍ସି ଏମ୍‌୪୦ ରେ ରହିଛି ୬.୩" ଏଫ୍‌ଏଚ୍‌ଡି+ ଇନ୍‌ଫିନିଟି ଓ ଡିସ୍‌ପ୍ଲେ, ଏହି ବୈଶିଷ୍ଟ୍ୟଟି ସାମ୍‌ସଙ୍ଗର ଫ୍ଲାଗସିପ୍ ଗାଲାକ୍ସି ଏସ୍‌୧୦ ଲାଇନ୍‌ରେ ଦେଖାଯାଉଛି ଯେଉଥିରେ କଂଟ୍ରାଷ୍ଟ ଅନୁପାତ ରହିଛି ୧୨୦୦:୧ ଓ ଅନ୍‌ସ୍କ୍ରିନ୍ ସାଉଣ୍ଡ ଟେକ୍‌ନୋଲୋଜି। ଗାଲାକ୍ସି ଏମ୍‌୪୦ ହେଉଛି ୭.୯ ମିମି ସ୍ଲିକ୍ ଡିଭାଇସ୍।




# ପିତୃ ଦିବସରେ କଲ୍ୟାଣ ଜୁଏଲର୍ସର ନୂଆ ଗହଣା

ଭୁବନେଶ୍ୱର, ୧୩।୬(ନି.ପ୍ର): ଏକ ଶିଶରୁ ପ୍ରଥମ ସୁପର ହିରୋ, ପୁଅର ପ୍ରଥମ କୋଚ୍ ଓ ପ୍ରତି ଝିଅର ପସନ୍ଦର ମଣିଷ ହେଉଛନ୍ତି-ବାପା, ଆମେ ଆମେ ଯାହା ବି କିଛି ହୋଇଛେ ତାଙ୍କ ପାଇଁ। ଏହି ପିତୃ ଦିବସ ଅବସରରେ, ସେ ଆପଣଙ୍କ ପାଇଁ କେତେକ ଅର୍ଥପୂର୍ଣ୍ଣ ତାହାକୁ ଏକ ପୁରସ୍କାର ସହିତ ଜଣାଇବା ବ୍ୟତୀତ ଆଉ କିଛି ନାହିଁ। କଲ୍ୟାଣ ଜୁଏଲର୍ସ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ପିତୃ ଦିବସ ସମ୍ଭାରରେ ଉତ୍କୃଷ୍ଟ ମେନସଓୟାର ଡିଜାଇନ୍ ରହିଛି। ଆକର୍ଷଣୀୟରୁ ସ୍ପୋର୍ଟ ରୁ ଡ୍ରେସି ଏବଂ କ୍ଲାସି ପର୍ଯ୍ୟନ୍ତ, ଆପଣମାନଙ୍କ ପାଇଁ ସବୁ କିଛି ରହିଛି। ସେଥି ମଧ୍ୟରୁ କେବଳ ଆପଣମାନଙ୍କୁ ଚୟନ କରିବାକୁ ହେବ। ଏହି ସମ୍ଭାରରେ ରହିଛି ମୁଦି ଯାହାକୁ ହାତ ଘଂଟାର ରେଖା ସଦୃଶ ଡିଜାଇନ୍ କରାଯାଇଛି। ଏହା ଏକ ସୁନା ମୁଦି ଯାହାକୁ ଆଧୁନିକ ଯୁଗର ଦାୟିତ୍ୱବାନ ପୁରୁଷଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହି ଡାଇମଣ୍ଡ୍ ଷ୍ଟଡେଡ୍ ମୁଦି କଲ୍ୟାଣ ଜୁଏଲର୍ସର ହୃଦୟରେ ଥିବା ପୁରୁଷ ପରିଧାନ କାରିଗରୀକୁ ପ୍ରମାଣିତ କରୁଛି। ଏହି ସମ୍ଭାରରେ ରହିଛି ଏକ ବ୍ରେସ୍‌ଲେଟ୍ ଯାହା ଫେସନ୍ ଓ ଫାଇନ୍ ଗହଣା ଭିତରେ ଥିବା ଅନ୍ତରକୁ ଦୂର କରୁଛି। କ୍ଷୁଦ୍ର ହୀରା ଲଗାଯାଇଥିବା ଏହି ସ୍ୱତନ୍ତ୍ର ଷ୍ଟାଇଲ୍‌ର ବ୍ରେସ୍‌ଲେଟ୍ ହେଉଛି ଏହି ପିତୃ ଦିବସରେ ଆପଣଙ୍କ ବାପା ପାଇଁ ସବୁଠୁ ଶ୍ରେଷ୍ଠ ଉପହାର। କାରଣ ଏହି ସ୍ୱତନ୍ତ୍ର ଦିବସ ବର୍ଷକୁ ଥରେ ମାତ୍ର ଆସିଥାଏ। ହିନ୍ଦୁ ଧର୍ମରେ ଓମ୍ ହେଉଛି ବିଶ୍ୱାସ ଓ ଆଧ୍ୟାତ୍ମିକତାର ପ୍ରତୀକ। ହୀରା ଖଚିତ ଏହି ସୁନ୍ଦର ହୀରା ପେଣ୍ଡେଂଟ୍ ନିଶ୍ଚିତ ରୂପେ ଅନ୍ତର ଆତ୍ମାକୁ ଛୁଇଁଯିବ। ଏହି ଓମ୍ ପେଣ୍ଡେଂଟ୍‌କୁ ଉଭୟ ଭାରତୀୟ ଓ ଇଣ୍ଡୋ-ୱେଷ୍ଟର୍ଣ୍ଣ ପୋଷାକ ସହ ପିନ୍ଧିହେବ। ଏହି ମୁଦିରେ ଗୋଲାପୀ ସୁନା ରଙ୍ଗରେ ହୀରା ଲଗାଯାଇଛି ଏବଂ ଏହାର ମଝିରେ ଧଳା ସୁନା ରହିଛି।

# ଓଡ଼ିଶାକୁ ପୁନଃ ଶ୍ୟାମଳ କରିବ କାମତ ହୋଟେଲ

ଭୁବନେଶ୍ୱର, ୧୩।୬(ନି.ପ୍ର): ଏସିଆର ଅଗ୍ରଣୀ ପଞ୍ଚ ତାରକା ହୋଟେଲ୍ ତଥା ଆଶ୍ରୟସ୍ଥଳୀ ଶୃଙ୍ଖଳ, କାମତ ହୋଟେଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ଫନି ପରେ ଓଡ଼ିଶାକୁ ପୁନଃ ଶ୍ୟାମଳ କରିବା ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ହୋଟେଲ୍ ପକ୍ଷରୁ ବାତ୍ୟାରେ ନଷ୍ଟ ହୋଇଥିବା ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷର ଭରଣା କରିବା ନିମନ୍ତେ ବିହନ ଗୋଳା ମାଧ୍ୟମରେ ବନୀକରଣର ବ୍ୟବସ୍ଥା କରାଯାଇଛି। ଏହି ବିହନ ଗୁଳା କାଦୁଅ, ଜୈବିକ ସାର ଓ ବିହନକୁ ମିଶାଇ ପ୍ରସ୍ତୁତ କରାଯାଇଛି। ଏହାକୁ ଅତି ଶୁଷ୍କ ମୃତ୍ତିକା ହୋଇ ନଥିବା ତଥା ବୃକ୍ଷ ବଢ଼ିପାରୁଥିବା ଭଳି ଯେ କୌଣସି ଖୋଲା ସ୍ଥାନକୁ ଫିଙ୍ଗାଯାଇ ଜଙ୍ଗଲ ସୃଷ୍ଟି କରାଯାଇପାରିବ। ଏହି ପ୍ରକ୍ରିୟାକୁ ମୌସୁମୀ ଆଗମନ ସୁଦ୍ଧା ଶେଷ କରାଯିବାକୁ ହୋଟେଲ୍ ପକ୍ଷରୁ ପ୍ରକାଶ ପାଇଛି।

ଏହି ପରିପ୍ରେକ୍ଷୀରେ କାମତ ହୋଟେଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଭିଶାଲ କାମତ ପ୍ରକାଶ କରିଛନ୍ତି, "ମୌସୁମୀ ଆଗମନ ପୁର୍ବରୁ ଆମେ ବହୁଳ ପରିମାଣରେ ବିହନ ଗୁଳା ରୋପଣ କରିବାକୁ ଯୋଜନା କରିଛୁ ଏବଂ ନିଶ୍ଚିତ କରୁଛୁ ଯେ, ସେମାନେ ବଡ଼ ବଡ଼ ଦ୍ରୁମରେ ପରିଣତ ହେବେ। ଆମେ ଦଶ ବର୍ଷ ଧରି ଲୋଟସ୍ ଇକୋ ବିଚ୍ ରିସର୍ଟ କୋଣାର୍କ ଓ ମହୋଦଧି ପ୍ୟାଲେସ୍ ପୁରୀକୁ ଚଲାଇ ଆସୁଛୁ। ଓଡ଼ିଶା ଆମର ଏକ ଘର ଏବଂ ଏହାର ଶ୍ୟାମଳତାକୁ ପୁଣି ଥରେ ଫେରାଇ ଆଣିବାକୁ ଆମେ ଚେଷ୍ଟା କରୁଛୁ।

# ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ବେବି ସାମ୍ପୁରେ ଫର୍ମାଲଡିହାଇଡ୍ ନାହିଁ : ସେଂଟ୍ରାଲ୍ ଡ୍ରଗ୍ ଲ୍ୟାବ୍

ଭୁବନେଶ୍ୱର, ୧୩।୬(ନି.ପ୍ର): ବିଶିଷ୍ଟ ପରୀକ୍ଷା ଲାବୋରେଟୋରି ସେଂଟ୍ରାଲ୍ ଡ୍ରଗ୍ ଲ୍ୟାବ୍ ପକ୍ଷରୁ କରାଯାଇଥିବା ପୁନଃ ପରୀକ୍ଷଣରୁ ଜଣାପଡ଼ିଛି ଯେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍‌ର ଲୋକପ୍ରିୟ ଶିଶୁ ସାମ୍ପୁରେ ରାସାୟନିକ ଫର୍ମାଲଡିହାଇଡ୍ ନାହିଁ। ରାଜସ୍ଥାନ ଡ୍ରଗ୍ କଂଟ୍ରୋଲ୍ ଅର୍ଗାନାଇଜେସନ୍ (ଆର୍‌ଡିସିଓ) ପକ୍ଷରୁ କରାଯାଇଥିବା ଏକ ପରୀକ୍ଷଣରେ ଏହି ସାମ୍ପୁରେ ଫର୍ମାଲ୍‌ଡିହାଇଡ୍ ଥିବା ଦାବି କରାଯିବା ପରେ ତାହାକୁ କଂପାନି ତରଫରୁ ଚ୍ୟାଲେଞ୍ଜ କରାଯାଇଥିଲା ଏବଂ ଏହା ପରେ କୋଲକାତାରେ ଥିବା ସେଂଟ୍ରାଲ୍ ଡ୍ରଗ୍ ଲାବୋରେଟୋରି ଜେଆଣ୍ଡ୍‌ଜେ ବେବି ସାମ୍ପୁର ଦୁଇ ଭିନ୍ନ ନମୁନାର ପରୀକ୍ଷଣ କରାଯାଇଥିଲା। ସେଂଟ୍ରାଲ୍ ଡ୍ରଗ୍ ଲାବୋରେଟୋରି ତରଫରୁ କରାଯାଇଥିବା ପରୀକ୍ଷଣର ରିପୋର୍ଟକୁ ଆରଡିସିଓ ଏହାର ୱେବସାଇଟ୍‌ରେ ପୋଷ୍ଟ କରିଛି ଯେଉଁଥିରେ ଉଲ୍ଲେଖ ରହିଛି ଯେ ଉଭୟ ପରୀକ୍ଷାରେ "ନମୁନାରେ କୌଣସି ଫର୍ମାଲଡିହାଇଡ୍ ନଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍‌ର ଜଣେ ପ୍ରବକ୍ତା କହିଛନ୍ତି ଯେ, ରାଜସ୍ଥାନ ଏଫ୍‌ଡିଏର ଫଳାଫଳକୁ ନେଇ ଆମେ ସନ୍ତୁଷ୍ଟ ଯାହା ପ୍ରକାଶ କରିଛି ଯେ ଜନ୍‌ସନ୍‌ର ବେବି ସାମ୍ପୁରେ ଫର୍ମାଲ୍‌ଡିହାଇଡ୍ ନାହିଁ। ଏହି ପରୀକ୍ଷା କଂପାନିର ନିଜସ୍ୱ ପରୀକ୍ଷଣ ବ୍ୟବସ୍ଥା ଏବଂ ଦୀର୍ଘସ୍ଥାୟୀ ପ୍ରତିଶ୍ରୁତିକୁ ପୁନଃ ଉପସ୍ଥାପିତ କରିଛି। ଏହା ପୂର୍ବରୁ ଜଣାଇଥିଲା ଯେ କଂପାନିର ବେବି ସାମ୍ପୁରେ କୌଣସି ପ୍ରକାରର ଫର୍ମାଲଡିହାଇଡ୍ ନାହିଁ। ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ଏକ ଆପିଲିଟ ଲାବୋରେଟୋରିର ନିଷ୍ପତି ଯାହା ଏକ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦେଶରେ ଏହି ପରୀକ୍ଷଣ କରାଯାଇଥିଲା। କଂପାନି ପକ୍ଷରୁ କୁହାଯାଇଛି ଯେ ଲୋକମାନଙ୍କ ସୁରକ୍ଷା ଠାରୁ ଆଉ ବଡ଼ କିଛି ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ପାଇଁ ନାହିଁ। ଏହା କଠୋର ଗୁଣାତ୍ମକ ମାନ ପରୀକ୍ଷା ନିୟମକୁ ଗ୍ରହଣ କରିଛି। ପ୍ରତିଟି ଦେଶରେ ବିକ୍ରି ହେଉଥିବା ଉତ୍ପାଦକୁ ସେହି କଠୋର ମାନ ପରୀକ୍ଷା ଦେଇ ଗତି କରିବାକୁ ପଡ଼େ। ୨୦୧୯ ଜୁନ୍ ୩ ରେ ରାଜସ୍ଥାନ ଡ୍ରଗ କଂଟ୍ରୋଲ ଅଫିସର ଜଣାଇଥିଲେ ଯେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍‌ର ୧୦୦ ଏମ୍‌ଏଲ୍ ଓ ୫୦ ଏମ୍‌ଏଲ୍ ପ୍ୟାକ୍‌ରେ ଫର୍ମାଲ୍‌ଡିହାଇଡ୍ ନାହିଁ। ୨୦୧୯ ମାର୍ଚ୍ଚ ୫ରେ ରାଜସ୍ଥାନ ଡ୍ରଗସ୍ କଂଟ୍ରୋଲ୍ ସଂଗଠନ ଜେଆଣ୍ଡଜେ ବେବି ସାମ୍ପୁର ଦୁଇଟି ନମୁନାକୁ ପରୀକ୍ଷଣ କରିବା ପରେ ସେହି ଫର୍ମାଲ୍‌ଡିହାଇଡ୍ ଥିବା ପ୍ରକାଶ କରିଥିଲା।

# ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂଆ ମ୍ୟାକ୍ସ ଲାଇଫ୍ ସ୍ମାର୍ଟ ଟର୍ମ ପ୍ଲାନ୍

ଭୁବନେଶ୍ୱର, ୧୩।୬(ନି.ପ୍ର): ଦେଶର ଅଗ୍ରଣୀ ଜୀବନ ବୀମା କଂପାନି, ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନୂଆ ମ୍ୟାକ୍ସ ଲାଇଫ୍ ସ୍ମାର୍ଟ ଟର୍ମ ପ୍ଲାନ୍ ବିଷୟରେ ଘୋଷଣା କରାଯାଇଛି। ଏହା ଗ୍ରାହକମାନଙ୍କୁ ସେମାନଙ୍କ ନିଜ ସୁରକ୍ଷା ପ୍ଲାନ୍‌କୁ ନିଜକୁ ସୁହାଇବା ଭଳି ପ୍ରସ୍ତୁତ କରିବାରେ ସହାୟତା ପ୍ରଦାନ କରିବ। ଏଥିପାଇଁ ବିଭିନ୍ନ ପ୍ରକାରର ସୁବିଧା ଏବଂ ବୈଶିଷ୍ଟ୍ୟ ଉପଲବ୍ଧ ହେଉଛି। ଏହି ପ୍ଲାନ୍‌ରେ ପ୍ରିମିୟମ୍ ପ୍ରଦାନରେ ଗ୍ରାହକଙ୍କୁ ସ୍ୱାଧୀନତା ମିଳିବ। ସେମାନେ ୬୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ୫,୧୦, ୧୨ କିମ୍ବା ୧୫ ଭଳି ବର୍ଷର ପ୍ରିମିୟମ୍ ଦେଇପାରିବେ। ଏଥିରେ ୭ ପ୍ରକାରର ସ୍ୱତନ୍ତ୍ର ମୃତ୍ୟୁକାଳୀନ ସୁବିଧା ରହିଛି। ବିବାହ, ସନ୍ତାନ ଜନ୍ମ କିମ୍ବା ଘର କିଣିବା ଭଳି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ "ଲାଇଫ୍ ଷ୍ଟେଜ୍ ଆଡ୍ ଅନ୍ ସମ୍ ଆସ୍ୟୁରଡ୍'ର ବିକଳ୍ପ ମିଳିବ। ଏହି ପ୍ଲାନ୍‌ରେ ୪୦ ପ୍ରକାର ଜଟିଳ ରୋଗ ପାଇଁ ବୀମା ସୁବିଧା ମିଳିବ। ମ୍ୟାକ୍ସ ଲାଇଫ୍ ସ୍ମାର୍ଟ ଟର୍ମ ପ୍ଲାନ୍‌ରେ ପ୍ରିମିୟମ୍ ଫେରସ୍ତ ବିକଳ୍ପ ମଧ୍ୟ ରହିଛି। ନିଜକୁ ସୁହାଇବା ଭଳି ଗ୍ରାହକମାନେ ବୀମା ରାଶିକୁ କମ୍ ଅଧିକ କରିପାରିବେ। ମୃତ୍ୟୁ, ଦିବ୍ୟାଙ୍ଗ ହୋଇଯିବା, ଜଟିଳ ଅସୁସ୍ଥତା ଆଦି କ୍ଷେତ୍ରରେ ରାଇଡର୍ ଯୋଗ କରିବାର ସୁବିଧା ମଧ୍ୟ ଏହି ପ୍ଲାନ୍‌ରେ ରହିଛି। ଏ ସମ୍ପର୍କରେ ଆଲୋକ ଭାନ୍, ନିର୍ଦ୍ଦେଶକ ଓ ମୁଖ୍ୟ ମାର୍କେଟିଂ ଅଧିକାରୀ, ମ୍ୟାକ୍ସ ଲାଇଫ୍ କହିଛନ୍ତି ଯେ, "ମିଆଦୀ ବୀମା ଏକ ସୁଲଭ ଏବଂ ସବୁଠୁ ମୌଳିକ ଆର୍ଥିକ ସୁରକ୍ଷା ହୋଇଥିଲେ ମଧ୍ୟ ଭାରତରେ ଏହା ବିଶେଷ ଭାବେ ଗ୍ରହଣୀୟ ହୋଇନାହିଁ। ଆମେ କାଂଟାର ଆଇଏମଆରବି ସହ ମିଶି ନିକଟରେ କରିଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛିଯେ, ଅନେକ ଭାରତୀୟ ଯେଉଁମାନଙ୍କ ପାଖରେ ବୀମା ପଲିସି ରହିଛି ସେମାନେ ମଧ୍ୟ ନିଜକୁ କମ୍ ସୁରକ୍ଷିତ ମନେ କରୁଛନ୍ତି। ସହରାଂଚଳରେ ବାସ କରୁଥିବା ୬୫% ଲୋକଙ୍କ ବୀମା ପଲିସି ଥିବାବେଳେ ଗ୍ରାମୀଣ ଭାରତରେ ଏହି ହାର ହେଉଛି ମାତ୍ର ୨୧%। ଭାରତରେ ଆର୍ଥିକ ସୁରକ୍ଷାର ସ୍ତରକୁ ବଢ଼ାଇବା ପାଇଁ ଆମେ ମ୍ୟାକ୍ସ ଲାଇଫ୍ ସ୍ମାର୍ଟ ଟର୍ମ ପ୍ଲାନ୍‌ର ଶୁଭାରମ୍ଭ କରିଛୁ ଯାହାର ଲକ୍ଷ୍ୟ ହେଉଛି ମିଆଦୀ ବୀମା ପଲିସିର ଗ୍ରହଣୀୟତା ବଢ଼ାଇବା ଯାହା କେବଳ ବୀମା ସୁବିଧା ପ୍ରଦାନ କରିବ ନାହିଁ, ଏହାକୁ ଲୋକମାନେ ନିଜ ସୁବିଧା ଅନୁସାରେ ନେଇପାରିବେ।



# ସମାଜସେବୀ ମନ୍ଦାକିନୀ ତ୍ରିପାଠୀଙ୍କ ସ୍ମୃତିସଭା





**ବାଲିଚନ୍ଦ୍ରପୁର,୧୩।୬(ନିପ୍ର):** ବଡ଼ଚଣାର ସଂଗ୍ରାମୀ ପୀଠ ବାଲିପଡ଼ିଆ ଠକ୍କରବାପା ଆଶ୍ରମର ସହଯୋଗୀ ସଂଚାଳିକା, ଶ୍ରୀ ସତ୍ୟସାଇ ସଂଗଠନର ବାଳବିକାଶ ଗୁରୁ ତଥା ବାଲିପଡ଼ିଆ ବାଲିକା ଉଚ୍ଚ ବିଦ୍ୟାଳୟର ସଂପାଦିକା ମନ୍ଦାକିନୀ ତ୍ରିପାଠୀଙ୍କ ପ୍ରଥମ ବାର୍ଷିକ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ ବାଲିପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ବେଦପାଠ ଓ ସାଇଭଜନ ସନ୍ଧ୍ୟାର ଏକ ଆଧ୍ୟାତ୍ମିକ ପରିବେଶ ଭିତରେ ଆୟୋଜିତ ସମାରୋହରେ ରାଜ୍ୟ କୃଷି, କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସଂପଦ ଉନ୍ନୟନ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ଯୋଗଦେଇ ମହିୟସୀ ସମାଜସେବୀଙ୍କ ଜୀବନୀ ଗ୍ରାମୀଣ ମହିଳା ଓ ବିଦ୍ୟାର୍ଥୀମାନଙ୍କୁ ଆଧ୍ୟାତ୍ମିକତାର ଉତ୍ତରଣ କ୍ଷେତ୍ରରେ ପ୍ରେରଣା ଦେଇ ଆସିଥିଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଓଡ଼ିଶା ବିଧାନସଭାର ସରକାରୀ ଉପମୁଖ୍ୟ ସଚେତକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବିଜେଡ଼ି ସାଧାରଣ ସଂପାଦକ ବିଜୟ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ଭୂୟାଁ, ଉମାକାନ୍ତ ବଳ, ପ୍ରଗତିବାଦୀର ପ୍ରକାଶକ ଶିବପ୍ରସାଦ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନା, ସାରଦା ଦେବତା, କୈଳାଶ ଚନ୍ଦ୍ର ନାୟକ, ପଲାଇ ସମିତିର ପୂର୍ବତନ ଆବାହକ ଉମେଶଚନ୍ଦ୍ର ନାୟକ, ସତ୍ୟାନନ୍ଦ ଜେନା, ସତ୍ୟବ୍ରତ ଦାଶ, ଓଳାଶୁଣୀ ଉନ୍ନୟନ ନ୍ୟାସର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଜ୍ଞାନେନ୍ଦ୍ର ତ୍ରିପାଠୀ, ମିହିର ପ୍ରସାଦ ଦାସ, ସ୍ୱାଧୀନତା ସଂଗ୍ରାମୀ ନକୁଳ ଚରଣ ଦାସ, ପଣ୍ଡିତ ଅନନ୍ତ ଭୂଷଣ ମିଶ୍ର, ଆଡ଼ଭୋକେଟ ଉଦୟନାଥ ସାହୁ, ବିଜେପି ମହିଳା ସଂପାଦିକା ସୀମନ୍ତିନୀ ଜେନା, ମନୋରମା ଆଚାର୍ଯ୍ୟ, ପୂର୍ବତନ ସରପଂଚ ଦମୟନ୍ତୀ ସାମଲ, ରବି ମହାପାତ୍ର, ଅଧ୍ୟାପକ ରମାକାନ୍ତ ପାଣି, ବିଷ୍ଣୁଚରଣ ପ୍ରଧାନ, ପ୍ରଭାକର ଉଦ୍‌ଗାତା, ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ସାମଲ, ଜିଲ୍ଲା କଂଗ୍ରେସ ସଂପାଦକ ରତିକାନ୍ତ ପ୍ରଧାନ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ । ଏହି ଅବସରରେ ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି ପଲାଇ ପକ୍ଷରୁ ବେଦପାଠ ଓ ସାଇଭଜନ ପରିବେଷିତ ହୋଇଥିଲା । ଇଂ ନରେନ୍ଦ୍ରନାଥ ପତି, ପ୍ରଭାତ କୁମାର ନନ୍ଦ, ବିଳାସିନୀ ଭଞ୍ଜ, ନିରୂପମା ଭୂୟାଁ, ସ୍ମୃତିରଂଜନ ନାୟକ, ସୁଧାଂଶୁ ନାୟକ ଓ ଶାନ୍ତନୁ ସାମଲ ଭଜନ ଗାନ କରିଥିଲେ । ଯୁବସମାଜସେବୀ ଶ୍ରୀକାନ୍ତ ସାମଲ, ଜଗନ୍ନାଥ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମନ୍ଦାକିନୀ ଦେବୀଙ୍କ ସୁପୁତ୍ର ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଓ ବିଭୁଦତ୍ତ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କୃତଜ୍ଞତା ଜ୍ଞାପନ କରିଥିଲେ ପଲାଇ ସମିତିର ଆବାହକ ସୁମନ୍ତ କୁମାର ଭୂୟାଁ ।

## ଦୋଲସାହିରେ ଅଗ୍ନିକାଣ୍ଡ : ମହିଳା ଆହତ



**ତିହିଡ଼ି,୧୩।୬(ନିପ୍ର):** ତିହିଡ଼ି ଥାନା ଅଧୀନ ଦୋଲସାହି ପଞ୍ଚାୟତ ଦୋଲସାହି ଗ୍ରାମରେ ମଙ୍ଗଳବାର ରାତ୍ରିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରମାକାନ୍ତ ସୂତାରଙ୍କର ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି । ଏଥିରେ ତାଙ୍କର ଦୁଇ ଗୋଟି ଛେଳି, କିଛି କୁକୁଡ଼ା ସମେତ ଘରେ ଥିବା ସମସ୍ତ ଆସବାବ ପତ୍ର ପୋଡ଼ିଯାଇଛି । କାଠ ମିସ୍ତ୍ରୀ ଭାବେ ସେ ଜୀବିକା ନିର୍ବାହ କରୁଥିବା ବେଳେ ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି । ସେହିପରି ଅଗ୍ନିକାଣ୍ଡ ଅତ୍ୟନ୍ତ ଆକସ୍ମିକ ଥିବାରୁ ଘରୁ ବାହାରୁ ବାହାରୁ ତାଙ୍କର ସ୍ତ୍ରୀ ମଧ୍ୟ ପୋଡ଼ିଯାଇ ଆହତ ହୋଇଛନ୍ତି । ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଦୋଲସାହି ସମିତି ସଭ୍ୟ ଦାଶରଥି ମହାପାତ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି । କୌଣସି ତ୍ରୁଟି ଯୋଗୁ ଅଗ୍ନିକାଣ୍ଡ ଘଟିଛି କି କେହି ଲଗାଇଦେଇଛନ୍ତି ସେ ସମ୍ପର୍କରେ କିଛି ଜଣାପଡ଼ିନାହିଁ ।

## ସର୍ପାଘାତରେ ଆଶା କର୍ମୀଙ୍କ ମୃତ୍ୟୁ

ଦଶପଲ୍ଲା,୧୩/୬(ନିପ୍ର): ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ପଂଚାୟତର ଗୋପାଳପୁର ଗ୍ରାମରେ ସର୍ପାଘାତରେ ଜଣେ ଆଶାକର୍ମି ଙ୍କ ମୃତ୍ୟୁ ହୋଇଛି । ମୃତ ଆଶାକର୍ମି ହେଲେ ସୁକାନ୍ତ ବେହେରାଙ୍କ ପତ୍ନୀ ବାସନ୍ତୀ ବେହେରା (୪୫) । ବାସନ୍ତୀ ଗତକାଲି ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ବାମ ହାତ ଆଙ୍ଗୁଠିକୁ କାମୁଡିଥିଲା । ସକାଳୁ ପରିବାର ଲୋକ ଦେଶୀ ଚିକିତ୍ସା ପାଇଁ ଜାମୁସାହି ନେଇଥିଲେ । ମାତ୍ର ଅବସ୍ଥା ଗୁରୁତର ହୋଇ ପଡିବାରୁ ୧୦୮ ଯୋଗେ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏପଟେ ଆଶା ସଂଘ ପକ୍ଷରୁ ଆଶାକର୍ମି ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ଶେଷ ଦର୍ଶନ କରିବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି ।



# ବକେୟା ପ୍ରାପ୍ୟକୁ ନେଇ ଓଇସି କର୍ମଚାରୀଙ୍କ ଧାରଣା

**ଭୁବନେଶ୍ୱର,୧୩।୬(ନିପ୍ର):** ୧୯୮୬ ମସିହାରେ ପ୍ରତିଷ୍ଠିତ ଓଡ଼ିଶା ଇଞ୍ଜିନିୟରିଂ କଲେଜ ଦୀର୍ଘ ୩୩ ବର୍ଷର କଲେଜର ନିଜସ୍ୱ ଭିତ୍ତିଭୂମି ନାହିଁ । ଏହା ସମ୍ପୂର୍ଣ୍ଣ ଭୂଦାନ ଜାଗାରେ ପ୍ରତିଷ୍ଠିତ । ଏହି କଲେଜର ପ୍ରତିଷ୍ଠାତା କାମିନୀ ପଟ୍ଟନାୟକଙ୍କ ଦେହାନ୍ତ ପରେ ତାଙ୍କ ଝିଅ ସୁପ୍ରିତା ପଟ୍ଟନାୟକ ବର୍ତ୍ତମାନ କଲେଜର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛନ୍ତି, ତାଙ୍କ ନାମରେ ସିଟ୍ ବ୍ଲକିଙ୍ଗ କେସ୍ ଅଛି । ଏଆଇସିଟିଇର ଗାଇଡ୍‌ଲାଇନ୍ ଅନୁସାରେ ଏହାର ଗଭର୍ଣ୍ଣିଂ ବଡ଼ି କେହି ନାହାଁନ୍ତି । ଏହା ସମ୍ପୂର୍ଣ୍ଣ ପାରିବାରିକ ପରିଚାଳନା କମିଟିରେ ପରିଣତ ହୋଇଯାଇଛି । ବଡ଼ଝିଅ ଶୁଭ୍ରା ପଟ୍ଟନାୟକ ସଭାପତି, ସାନଝିଅ ନିର୍ଦ୍ଦେଶକ, ବୋହୂ, ଗଭର୍ଣ୍ଣିଂ ମେମ୍ବରର ମ୍ୟାନେଜିଂ ଟ୍ରଷ୍ଟି, ନାତି ମେଣ୍ଟେନାନ୍ସ ନିର୍ଦ୍ଦେଶକ ନାତୁଣୀ, ନାତୁଣୀ ବୋହୂ ଷ୍ଟୁଡେ଼ଣ୍ଟସ୍ ୱେଲ୍‌ଫେୟାର ନିର୍ଦ୍ଦେଶକ । ଏହି କଲେଜରେ ମୋଟ ୩୨ ଶହ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିଲାବେଳେ ମୋଟ ୩୨କୋଟି ଟଙ୍କା ଆଦାୟ ହୋଇଥିଲା । କାଳକ୍ରମେ ଏହା ଆସ୍ତେ ଆସ୍ତେ ୮ ବର୍ଷରେ ୧୨୦୦କୁ ଖସିଲାଣି । ଏହାର କାରଣ ମ୍ୟାନେଜମେଣ୍ଟଙ୍କ ମନୋମୁଖୀ କାର୍ଯ୍ୟକଳାପ । ବିଭିନ୍ନ ଆଳ ଦେଖାଇ ଏମାନେ କଲେଜରୁ କୋଟି କୋଟି ଟଙ୍କା ଲୁଟ୍ କରୁଛନ୍ତି । ଏମାନଙ୍କ ଇଚ୍ଛାରେ ନିଯୁକ୍ତି, ସସ୍‌ପେଣ୍ଡ, ସୋ କଜ୍ ବିନା କାରଣରେ ହୁଏ । ବିନା କାରଣରେ ଅନେକ ଷ୍ଟାଫ ଚାକିରୀ ହରାଇଛନ୍ତି । ଅନେକ ଷ୍ଟାଫ ବର୍ଷ ବର୍ଷ ଧରି ଦରମା ନ ପାଇ ବାଧ ହୋଇ ଚାକିରୀ ଛାଡ଼ି ଚାଲିଯାଉଛନ୍ତି । ବର୍ତ୍ତମାନ ଜାନୁୟାରୀ ୨୦୧୯ ଠାରୁ ଆମ୍ଭମାନଙ୍କର ଦରମା ଏପର୍ଯ୍ୟନ୍ତ ମିଳିପାରି ନାହିଁ । ଯାହାଫଳରେ ଆମ ଘୋର ଅସୁବିଧାର ସମ୍ମୁଖୀନ ହେଉଛୁ । ଏତେବଡ଼ ଭୟଙ୍କର ବାତ୍ୟା ହେଲା, ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଓ ଲୋକପ୍ରିୟ ପର୍ବ ରଜରେ ମଧ ଆମକୁ ଟଙ୍କାଟିଏ ମିଳିଲା ନାହିଁ । ବକେୟା ଟଙ୍କା ପାଇଁ ୨୦୧୬ ଅଗଷ୍ଟରୁ ୨୦୧୮ ଡ଼ିସେମ୍ବର ଯାଏ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପାରିବାରିକ ପରିଚାଳନା କମିଟି ଆମ୍ଭମାନଙ୍କ ଦରମା ବାବଦରେ ଟଙ୍କାଟିଏ ଦେଉନାହାଁନ୍ତି । ୨୦୧୮ ଅଗଷ୍ଟରୁ ବର୍ତ୍ତମାନ ସୁଦ୍ଧା ଆମ୍ଭର ଇପିଏଫ୍ ଓ ଇଏସ୍‌ଆଇ ଡ଼ିପୋଜିଟ୍ ହୋଇନାହିଁ ଏବଂ ଅବସର ନେଉଥିବା ଲୋକମାନଙ୍କୁ ଅବସରକାଳୀନ କୌଣସି ସୁବିଧା ସୁଯୋଗ ମିଳେନାହିଁ, ସରକାରଙ୍କ ଅବସର ବୟସ ୬୦ ବର୍ଷ ଥିବାବେଳ ଆମ୍ଭମାନଙ୍କୁ ୫୮ ବର୍ଷ ବୟସରେ ମନୋମୁଖୀ ଭାବେ ଅବସର ଗ୍ରହଣ କରାଯାଉଅଛି । ବାଧ ହୋଇ ଆମ୍ଭେମାନେ ଗତକାଲି ନିର୍ଦ୍ଦେଶକ (ଆଡ଼ମିନ୍)ଙ୍କ ଘରକୁ ଯାଇଥିଲୁ । ସେ ସିଧା ସିଧା ମନା କରିଦେଲେ ଓ କହିଲେ ମୁଁ ଜୁଲାଇ ୧୫ରେ ଦରମା ଦେବି । ଆମ୍ଭେମାନେ ନ ଆସିବାରୁ ସେ ପୋଲିସ୍ ଡ଼କାଇ ଆମକୁ ଧମକ ଚମକ ଦେଲେ । ଆମ୍ଭେମାନେ ସି.ଏମ୍.ଙ୍କ ଗ୍ରିଭାନ୍ସେସ୍ ସେଲ୍‌କୁ ଯାଇଥିଲୁ । ସେ ଗ୍ରାଚ୍ୟୁଇଟି ଶ୍ରମ କମିଶନରଙ୍କୁ ଫୋନ୍ କରି କହିଲେ ଓ ଆମ୍ଭଙ୍କୁ ସେଠାରେ ଦେଖା କରିବା ପାଇଁ କହିଲେ । ଦରମା ବାବଦରେ ପ୍ରାଇଭେଟ୍ କଲେଜରେ ଆମ୍ଭେ କିଛି କରିପାରିବୁ ନାହିଁ । ଆମ୍ଭେ ୩୦୦ ପରିବାର ଭୋକ ଉପସାରେ ଦିନ କାଟୁଛୁ । ଯଦି ସରକାର ଏଥିପ୍ରତି ସଚେତନ ହୋଇ ଆମ୍ଭମାନଙ୍କ ଦୁଃଖ ନ ଶୁଣନ୍ତି, ତେବେ ଆଗାମୀ ଭବିଷ୍ୟତରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି କଲେଜ ୟୁନିୟନର ସାଧାରଣ ସମ୍ପାଦକ ଅଙ୍ଗଦ କୁମାର ବିଶ୍ୱାଳ, ଉପସଭାପତି କେଦାର ଚରଣ ନାୟକ, ଅମ୍ବିକା ପ୍ରସାଦ ମହାପାତ୍ର, ହଳଧର ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି ।

**ତନିଷ୍କ ପକ୍ଷରୁ ରଜ ପାଇଁ ଅଫରର ଶୁଭାରମ୍ଭ**

## ସୁନା ଗହଣାର ଗଢ଼େଇ ମୂଲ୍ୟ ଓ ହୀରା ଗହଣା ମୂଲ୍ୟ ଉପରେ ୨୫% ରିହାତି



**ଭୁବନେଶ୍ୱର,୧୩।୬(ନିପ୍ର):** ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଗହଣା ବ୍ରାଣ୍ଡ୍ ତନିଷ୍କ ପକ୍ଷରୁ ରଜ ସପିଙ୍ଗ ଅନୁଭୂତିକୁ ଆହୁରି ରୋମାଂଚପୂର୍ଣ୍ଣ କରିବାକୁ ନିଶ୍ଚିତ କରିବା ପାଇଁ ଗ୍ରାହକମାନଙ୍କ ନିମନ୍ତେ ଅଣାଯାଇଛି ଶ୍ରେଷ୍ଠ କମ୍ବୋ ଅଫର । ଗ୍ରାହକମାନେ ଏବେ ସୁନା ଗହଣାର ଗଢ଼େଇ ମୂଲ୍ୟ ଓ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଏବଂ ପୁରୁଣା ସୁନା ଗହଣା ବଦଳ କରିବା ବେଳେ ତାହାର ୧୦୦% ଏକ୍ସଚେଂଜ୍ ମୂଲ୍ୟ ପାଇପାରିବେ । ଓଡ଼ିଶାର ସମସ୍ତ ତନିଷ୍କ ଷ୍ଟୋର୍‌ରେ ଏହି ଅଫର ଉପଲବ୍ଧ ହେବ । ଏହି ଅଫର ୨୦୧୯ ଜୁନ୍ ୧୪-୧୬ ପର୍ଯ୍ୟନ୍ତ ବୈଧ ରହିବ । ଆଗାମୀ ରଜ ସହିତ ଉପଯୁକ୍ତ ସମୟରେ ଆମର ଏହି ଉତ୍ସବ ଅଫର ଆମେ ପ୍ରତିଟି ଲୋକଙ୍କୁ ସ୍ୱତନ୍ତ୍ର ତନିଷ୍କ ଗହଣା କିଣିବାର ସୁଯୋଗ ପ୍ରଦାନ କରିବାକୁ ଚାହୁଁଛୁ । ଏହି ଅଫର ସହିତ ଗ୍ରାହକମାନେ ଶ୍ରେଷ୍ଠ ମୂଲ୍ୟ ପାଇବା ପାଇଁ ଦୁଇଟି ଅଫରକୁ ଯୋଡ଼ି ।ରିବେ । ତନିଷ୍କ ପକ୍ଷରୁ ସଦ୍ୟତମ ଗହଣା ସମ୍ଭାର ସ୍ୱୟମ, ଉତ୍ସବ, ଲାବଣ୍ୟମ, ଗୁଲନାଜ୍, ପ୍ରିନ୍ ଓ ଅଭୀର ସହିତ ଉତ୍ପାଦଗୁଡ଼ିକର ମୂଲ୍ୟ ୧୦,୦୦୦ ଟଙ୍କାରୁ ଆରମ୍ଭ ହୋଇଛି ଏବଂ ଏହି ଅଫର ଏହାକୁ ଗହଣା ସପିଙ୍ଗର ଉପଯୁକ୍ତ ସମୟରେ ପରିଣତ କରି ।ରିଛି । ଟାଇଟାନ୍‌ର ହଲମାର୍କ ଓ ଟାଟା ଗ୍ରୁ ୍ର ପ୍ରତିଶ୍ରୁତି ରଖିଥିବା ତନିଷ୍କ ଶୁଦ୍ଧ ଗହଣା ପ୍ରଦାନ କରିବାରେ ସର୍ବଦା ଅଗ୍ରଦୂତ ସାଜିଛି । ଷ୍ଟୋର୍‌ରେ ଅତ୍ୟାଧୁନିକ କ୍ୟାରେଟ୍ ମିଟର ରହିଛି ଯାହା ଗହଣା ଶୁଦ୍ଧତାର ସଠିକ୍ ମାପର ଗ୍ୟାରେଂଟି ପ୍ରଦାନ କରୁଛି । ତନିଷ୍କ ଉଭୟ ସୁନା ଏବଂ ଜେମ୍-ସେଟ୍ (୨୨ ଓ ୧୮ କ୍ୟାରେଟ୍ ସୁନା) ସହିତ ୫୦୦୦ରୁ ଅଧିକ ପାରମ୍ପରିକ, ପାଶ୍ଚାତ୍ୟ ଓ ଫ୍ୟୁଜନ୍ ଲୁକ୍‌ର ଗହଣା ପ୍ରଦାନ କରୁଛି ।

## ସରପଞ୍ଚଙ୍କ କବ୍‌ଜାରେ ସରକାରୀ ନଳକୂପ : ତେଜୁଛି ଅସନ୍ତୋଷ



ରାଜନଗର,୧୩।୬(ନିପ୍ର): ରାଜନଗର ନିର୍ବାଚନ ମଣ୍ଡଳୀ ସଂସାରଫଳ ପଂଚାୟତର ସରପଂଚଙ୍କ ମନମାନୀ କାର୍ଯ୍ୟ ସାଧାରଣ ଜନତା ଙ୍କ ଅସନ୍ତୋଷର କାରଣ ପାଲଟିଛି । ସୂଚନା ସଂଗ୍ରହରୁ ଜଣାଯାଏ ଯେ, ସଂସାରଫଳ ଗ୍ରାମରେ ସରପଂଚ ଙ୍କ ଘର ସମ୍ମୁଖରେ ଥିବା ସରକାରୀ ନଳକୂପକୁ ସରପଂଚଙ୍କ ପରିବାର କବ୍‌ଜା କରି ନେଇଛନ୍ତି । ସେଥିରେ ନଳକୂପ ପାଇପକୁ ଫୁଟାଇ ବିଦ୍ୟୁତ୍ ଚାଳିତ ମଟର ସଂଯୋଗ କରି ପାଇପି ଯୋଗେ ପାଣି ନିଜଘରକୁ ନେଉଛନ୍ତି । ଫଳରେ ସ୍ଥାନୀୟ ଲୋକମାନେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଏନେଇ ଗୋବିନ୍ଦ ରାଉତ ,ପଂଚାନନ ଦାସ , ଅଶୋକ ପାତ୍ର , ଲକ୍ଷ୍ମଣ ପାତ୍ର , କାର୍ତିକ ଦାସ , ଅନନ୍ତ ଚରଣ ମଳିକ , ସଂଜୟ ପାତ୍ର , ରାଧାକାନ୍ତ ମଳିକ , ସୁକାନ୍ତ ପାତ୍ର ପ୍ରମୁଖ ପଟ୍ଟାମୁଣ୍ଡାଇ ବିଡିଓ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣା ଦିନେ ଅଧେର କଥା ନୁହେଁ , ଦିର୍ଘ ଦିନ ଧରି ସରପଂଚ ମନମୁଖୀ ଭାବେ ପାଣି ନେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ କିପରି ଆଖି ବୁଜି ଦେଇଛନ୍ତି ତାହା ଅନୁସଂଧାନ ସାପେକ୍ଷ । ସରକାର ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ , ବିଭାଗୀୟ ଅଧିକାରୀ , ନିର୍ବାଚିତ ଜନ ପ୍ରତିନିଧିଙ୍କ ଖାମ୍ ଖିଆଲ୍ ମନମୁଖୀ କାର୍ଯ୍ୟ ଯୋଗୁ ଯୋଜନା ଲୋକଙ୍କ ନିକଟରେ ପହଂଚି ପାରୁ ନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଏଭଳି ଭାବେ ନଳକୂପ କୁ କବ୍‌ଜା କରି ଜନସାଧାରଣ ଙ୍କୁ ହନ୍ତସନ୍ତ କରିବା ବିଡମ୍ବନା ର ବିଷୟ ପାଲଟିଛି । କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ନଦେଲେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପାରେ ବୋଲି ସାଧାରଣ ରେ ଆଲୋଚନା ହେଉଛି ।

## ଡେରା ପଞ୍ଚାୟତରେ ବିଧାୟକ ଧ୍ରୁବ ସାହୁଙ୍କୁ ସମ୍ବର୍ଦ୍ଧନା



**ରାଜନଗର,୧୩।୬(ନିପ୍ର):** ରାଜନଗର ବ୍ଲକ ଡେରା ପଂଚାୟତରେ ନବନିର୍ବାଚିତ ବିଧାୟକ ଧ୍ରୁବ ସାହୁଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ପଂଚାୟତର ବିଭିନ୍ନ ଗ୍ରାମକୁ ଶୋଭାଯାତ୍ରାରେ ଯାଇଥିଲେ । ସାଧାରଣ ଲୋକେ ବିଧାୟକ ଶ୍ରୀ ସାହୁଙ୍କୁ ଉଚ୍ଛସ୍ୱିତ ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଆପଣମାନେ ଦେଇଥିବା ସ୍ନେହଁ, ଶ୍ରଦ୍ଧା କେବେ ବ୍ୟର୍ଥ ହେବନି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅଶୋକକୁମାର ପ୍ରତିହାରୀ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ରପ୍ରସାଦ ରାଉତ, ବରିଷ୍ଠ ନେତା ନିରଞ୍ଜନ ରାଉତ, ବାଇଧର ସେଠୀ, ପ୍ରଶାନ୍ତକୁମାର ରାଉତ, ସରପଂଚ ଶ୍ରୀକାନ୍ତକୁମାର ପ୍ରଧାନ, ମାଗେଶ୍ୱର ଖଟୁଆ, ପ୍ରଫୁଲ୍ଲ କଣ୍ଡ, ବସନ୍ତକୁମାର ପାଣି, ଏକାଦଶି ବେହେରା, ହେମନ୍ତ ଦାସ, ଫକିର ବେହେରା, କେଶବ ପ୍ରଧାନ ରବିନ ମଳିକ, ବିକ୍ରମ ବାରିକ, ରଶ୍ମିରଞ୍ଜନ ସାହାଣି ପ୍ରମୁଖଙ୍କ ସହ ଶତାଧିକ ନେତା ଓ କର୍ମି ସାମିଲ ହୋଇଥିଲେ ।

# ୫ମ ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ



**ଯାଜପୁର,୧୩/୬(ନିପ୍ର):** ଯାଜପୁର ସହର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ୫ମ ଜିଲ୍ଲା ପରିଷଦର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସହଯୋଗ ଓ ସମିଳିତ ଉଦ୍ୟମ ଦ୍ୱାରା ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାରେ ଶିଳ୍ପ ସମୃଦ୍ଧି ଘଟିଥିବା ବେଳେ ଅପରପାର୍ଶ୍ୱରେ କୃଷିର ବ୍ୟାପକ ଉନ୍ନତି କରାଯାଇ ଏହାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଆରମ୍ଭ ହୋଇଛି । ଅନ୍ୟତମ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବିକାଶକୁ ତ୍ୱରାନ୍ୱିତ, ବିଭିନ୍ନ ପ୍ରକଳ୍ପର ନିୟମିତ ସମୀକ୍ଷା ଓ ପ୍ରକଳ୍ପର ପ୍ରତିବନ୍ଧକ ଉପୁଜୁଛି ତାହାର ସମାଧାନ କିମ୍ବା ସ୍ଥାନ ପରିବର୍ତ୍ତନ କରି ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଯାଜପୁରର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୪ଟି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱର୍କ ଓ ଟାଇମ୍ ଫ୍ରେମ୍ ଅନୁଯାୟୀ କାର୍ଯ୍ୟକରି ଯାଜପୁର ଜିଲ୍ଲାକୁ ରାଜ୍ୟରେ ୧ନମ୍ବର କରିବାକୁ ଆହ୍ୱାନ ଦେଇଥିଲେ । ଯାଜପୁରର ନୂତନ ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ଯେ କୌଣସି ବୈଠକର ଅନୂନ୍ୟ ୩ଦିନ ପୂର୍ବରୁ ସଦସ୍ୟମାନଙ୍କୁ ଏଜେଣ୍ଡା, ନିୟମାବଳୀଆଦି ପ୍ରଦାନ କରିବାକୁ ମତପ୍ରକାଶ କରିଥିଲେ । ଏହା ଦ୍ୱାରା ସମୀକ୍ଷା ପାଇଁ ସଦସ୍ୟମାନେ ପୂର୍ବରୁ ପ୍ରସ୍ତୁତି ହେବା ସହ ସାଧରଣ ଲୋକର ଆବଶ୍ୟକତା ଓ ସମସ୍ୟାକୁ ଦୂର କରିବାରେ ଏହା ସହାୟକହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ଦାସ ସମସ୍ତ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ, ସମବନ୍ଧ ଉଦ୍ୟମ, ଖାଲିଥିବା ପଦବୀ ପୂରଣ ପାଇଁ ଏହି ସଭାରେ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରି ବୈଠକ ପରିଚାଳନା କରିଥିଲେ ଏବଂ ଏହି ସଭାରେ ଫନି ବାତ୍ୟାରେ ସହାୟତା ପାଇଁ ଜିଲ୍ଲା ପରିଷଦର ସମସ୍ତ ସଦସ୍ୟ ଗୋଟିଏ ମାସ ନିଜ ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିବେ ବୋଲି ଏହି ବୈଠକରେ ନିଷ୍ପତି ନେଇଥିଲେ । ଏହା ପରେ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ୧୩୨୯୪୬ ଶିଶୁଙ୍କୁ ଅଙ୍ଗନାୱାଡ଼ି କେନ୍ଦ୍ରରେ ଏବଂ ୧୪୮୮୯୫ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଚିକିତ୍ସା କରାଯାଇଛି । ୧୦୦୧ଜଣଙ୍କ ସ୍ଥାୟୀ ଓ ୩୬୪୬ ଜଣଙ୍କ ଅସ୍ଥାୟୀ ପଦ୍ଧତିରେ ଜନ୍ମ ନିୟନ୍ତ୍ରଣ କରାଯାଇଛି । ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ୩୦୦୧ଜଣଙ୍କୁ ଚିକିତ୍ସା କରାଯାଇଛି । ୪୪୮୫୧ ଜଣଙ୍କ ଆଖି ପରୀକ୍ଷା କରାଯାଇ ୧୦୯୧୬ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି । ୩୪୬୭ ସ୍କୁଲ୍ ପିଲାଙ୍କ ଆଖି ମଧ ପରୀକ୍ଷା କରାଯାଇଛି । ତେବେ ୯ ବର୍ଷ ପରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ ବସୁଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଅଗଷ୍ଟ ମାସରେ ଏକ ସ୍ୱାସ୍ଥ୍ୟ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି । ବିଭିନ୍ନ ବ୍ଲକ୍‌ରେ ଅଧିକ ପରିମାଣରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଥିବାରୁ ସେମାନଙ୍କୁ ସେମାନଙ୍କ ପଦକୁ ଫେରାଇ ଅଣାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଚଳିତ ବର୍ଷ ୩୯୦ଟି ନଳକୂପ ଖନନ ଧାର୍ଯ୍ୟ ଲକ୍ଷକୁ ପୂରଣ କରାଯାଇଛି । ବସୁଧା ଯୋଜନାରେ ୨୨୫ଟି ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୬୦ଟିର କାର୍ଯ୍ୟ ଚାଲୁ ରହିଛି । ୩୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ୧୦ଟି ପୂର୍ଣ୍ଣାଙ୍ଗ ଓ ୨୪ଟିର କାର୍ଯ୍ୟ ଚାଲୁ ରହିଛି । ସେହିପରି ଜଳ ସେଚନ ଓ କୃଷି ବିଭାଗର ସମୀକ୍ଷା କରାଯାଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦର ଉପସଭାପତି ଅମୂଲ୍ୟବାଳା ପାତ୍ରଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା, ବ୍ଲକ୍ ଅଧକ୍ଷ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।







# କୁଳପତିମାନଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୈଠକ

## ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଓ ଶୈକ୍ଷିକ ବାତାବରଣର ଉନ୍ନତି ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର, ୧୩/୬: ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ଡ. ଅରୁଣ କୁମାର ସାହୁଙ୍କ ସହିତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କର ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ତଥା ଆନୁନିକୀକରଣ ସଂପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟାଳୟ 'ପୁସ୍ତକ ଭବନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଡ. ସାହୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ, ଆଧୁନିକୀକରଣ ଏବଂ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ସଂପର୍କରେ ଉପସ୍ଥିତ ରାଜ୍ୟର ୧୧ଟି ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସହ ଆଲୋଚନା କରିଥିଲେ । କୁଳପତିମାନଙ୍କଠାରୁ ସେମାନଙ୍କ ପରାମର୍ଶ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବା ପରେ ମନ୍ତ୍ରୀ ଶ୍ରୀ ସାହୁ ବିଭିନ୍ନ ସମସ୍ୟାର ଯଥାଶୀଘ୍ର ସମାଧାନ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଉନ୍ନତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଖାଲିଥିବା ଶିକ୍ଷକ ପଦବୀକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରସ୍ତୁତ ଆରମ୍ଭ ସହ ବିଦ୍ୟାର୍ଥୀ ତଥା ଅଧ୍ୟାପକମାନଙ୍କ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବା ନିମନ୍ତେ ମଧ୍ୟ କୁଳପତିମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷାଦାନ ପ୍ରକ୍ରିୟାକୁ ବିଶ୍ୱସ୍ତରୀୟ କରିବା ସହିତ ଗବେଷଣାକୁ ପ୍ରୋତ୍ସାହନ କରିବା ଉପରେ ମନ୍ତ୍ରୀ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ସେହିପରି ବିଶ୍ୱବିଦ୍ୟାଳୟରେ ଅଣଛାତ୍ରମାନଙ୍କ ଅନୁପ୍ରବେଶକୁ ଆଦୌ ପ୍ରଶୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ବୈଠକରେ ସ୍ପଷ୍ଟ ଭାବେ ଜଣାଇଥିଲେ । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସାଧାରଣ ପ୍ରବେଶ ପରୀକ୍ଷା, ସ୍ନାତକ ସ୍ତରରେ ଏକକ ସିଲାବସ୍ ପ୍ରଚଳନ, ସ୍ନାତକ ଏବଂ ସ୍ନାତକୋତ୍ତର/ସ୍ୱୟଂ ଶାସିତ ସ୍ତରରେ ଅନୁଷ୍ଠିତ ପରୀକ୍ଷାରେ ସୁଧାର ଆଣିବା, ଫଳ ପ୍ରକାଶନ ଠିକ୍ ସମୟରେ କରିବା ଏବଂ ସ୍ନାତକଧାରୀଙ୍କୁ ନିର୍ଦ୍ଧାରିତ ସମୟରେ ସାର୍ଟିଫିକେଟ୍ ପ୍ରଦାନ କରିବା ଉପରେ ମଧ୍ୟ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ଦେଇଥିଲେ ।

ଏହି ଉଚ୍ଚସ୍ତରୀୟ ବୈଠକରେ ବିଭାଗୀୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିକାଶ ଓ ସଂସ୍କାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ପ୍ରତ୍ୟେକ ମହାବିଦ୍ୟାଳୟ ନାକ୍ ମାନ୍ୟତା ଲାଭ କରିବା ନିମନ୍ତେ ପ୍ରାଥମିକତା ଦେବା ପାଇଁ ପରାମର୍ଶ ଦେଇଥିଲେ । ପରିଷଦର ସଦସ୍ୟ ସଚିବ ଶ୍ରୀ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୫୦ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବିରୋଧରେ ଏଆଇୟୁଟିୟୁସି ପକ୍ଷରୁ ପ୍ରତିବାଦ



ଅନୁଗୁଳ, ୧୩/୬ (ନି.ପ୍ର): ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନବରତ୍ନ ନାଲକୋ ସମେତ ୫୦ଟି ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବିରୁଦ୍ଧରେ ଆଜି ଅପରାହ୍ନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏ.ଆଇ.ୟୁ.ଟି.ୟୁ.ସି.) ପକ୍ଷରୁ ନାଲକୋ ମେନ୍‌ଗେଟ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏ.ଆଇ.ୟୁ.ଟି.ୟୁ.ସି. ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏ.ଆଇ.ୟୁ.ଟି.ୟୁ.ସି. ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲ୍ଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଦେଶର ବୃହତ କର୍ପୋରେଟ୍ ଜଗତର ଆଶୀର୍ବାଦରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱାଧିନ ବିଜେପି ପରିଚାଳିତ ଏନ୍.ଡି.ଏ ସରକାର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତା ଦଖଲ କରିଛନ୍ତି । କ୍ଷମତାସୀନ ହେଉ ହେଉ ଦେଶୀ ବିଦେଶୀ କମ୍ପାନୀମାନଙ୍କ ଲାଭର ପାହାଡ ସୃଷ୍ଟି ପାଇଁ ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋ, ଏନ୍.ଟି.ପି.ସି., ଏମ୍.ସି.ଏଲ୍ ସମେତ ୫୦ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇକରଣ କରିବା ପାଇଁ ୧୦୦ଦିନର ଏଜେଣ୍ଡାରେ ଘୋଷଣା କରିଛନ୍ତି । ଲାଭଦାୟକ ନାଲକୋ ଘରୋଇକରଣ କରାଗଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇବା ସହିତ ଏଥିରେ କାର୍ଯ୍ୟରତ ହଜାର ହଜାର ସ୍ଥାୟୀ ଓ ଠିକା ଶ୍ରମିକ କର୍ମଚାରୀଙ୍କ ଚାକିରୀର ନିରାପତ୍ତା ସମ୍ପୂର୍ଣ୍ଣଭାବେ ଚାଲିଯିବ ବୋଲି ସେମାନେ ପ୍ରକାଶ କରିଥିଲେ ।

## ତନୁଶ୍ରୀଙ୍କ ମିଟୁ ଅଭିଯୋଗ ମିଛ: ମୁମ୍ବାଇ ପୋଲିସ୍

ମୁମ୍ବାଇ, ୧୩।୬: ବଲିଉଡ ଅଭିନେତା ନାନା ପାଟେକରଙ୍କୁ ଏକ ବଡ଼ ଆସ୍ୱସ୍ତି ମିଳିଛି । ତାଙ୍କ ବିରୋଧରେ ଅଭିନେତ୍ରୀ ତନୁଶ୍ରୀ ଦତ ଯୌନ ନିର୍ଯାତନା ଆରୋପ ଲଗାଇଥିବାବଲେ ଏନେଇ କୌଣସି ପ୍ରମାଣ ନାହିଁ ବୋଲି ମୁମ୍ବାଇ



ପୋଲିସ ତଦନ୍ତରୁ ଜଣାପଡିଛି । ଏ ସଂପର୍କରେ ମୁମ୍ବାଇର ଓସିୱାରା ଥାନା ପକ୍ଷରୁ ମେଟ୍ରୋପୋଲିଟାନ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରାଯାଇଛି ବୋଲି ଡେପୁଟି ପୋଲିସ କମିନର ପରମଜିତ ସିଂ ଦହିଆ କହିଛନ୍ତି । ନାନା ପାଟେକରଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ ବୋଲି ସେ କହିଛନ୍ତି । ତେବେ ଆଗକୁ ଏହି ଲଢ଼େଇ ଜାରି ରଖିବେ ବୋଲି ତନୁଶ୍ରୀଆଜି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଗତ ୨୦୧୮ ଅକ୍ଟୋବର ମାସରେ ତନୁଶ୍ରୀ ନାନାଙ୍କ ବିରୋଧରେ ଓସିୱାରା ପୋଲିସ ଷ୍ଟେସନରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ । ୨୦୦୮ରେ ହର୍ଣ୍ଣ ଓକେ ଫିଲ୍ମର ସୁଟିଂ ବେଳେ ଏହି ଘଟଣା ଘଟିଥିବା ବୋଲି ତନୁଶ୍ରୀ କହିଥିଲେ । ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଥିଲା । ଏହି ଘଟଣାରେ ତନୁଶ୍ରୀଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳିଥିଲା । ଏହାଠାରୁ ଭାରତରେ ମିଟୁ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

## ବିଧାନସଭାରେ ନ୍ୟାସନାଲ ଇ-ବିଧାନ ଆପ୍ଲିକେସନ୍



ଭୁବନେଶ୍ୱର, ୧୩/୬: ଓଡ଼ିଶା ବିଧାନସଭାରେ ନ୍ୟାସନାଲ ଇ-ବିଧାନ ଆପ୍ଲିକେସନ୍ କାର୍ଯ୍ୟକାରୀ କରିବା ପାଇଁ ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାଯାଇଛି ଯେ ଗତ ୧୧/୦୧/୨୦୧୯ରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ବିଧାନସଭାର କମ୍ପ୍ୟୁଟରୀକରଣ ଗୃହ କମିଟି ବୈଠକରେ ନ୍ୟାସନାଲ ଇ-ବିଧାନ ଆପ୍ଲିକେସନ୍ ଓଡ଼ିଶା ବିଧାନସଭାରେ ଲାଗୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ପ୍ରକଳ୍ପ ପରିଚାଳନା ୟୁନିଟ୍ ଭଳି ଏକ ରାଜ୍ୟ ପ୍ରକଳ୍ପ ପରିଚାଳନା କମିଟି ଗଠନ କରିବାକୁ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ତଦନୁଯାୟୀ ଏହି କମିଟି ସଂସଦୀୟ ବ୍ୟାପାର ବିଭାଗ ଦ୍ୱାରା ଗଠନ କରାଯାଇଛି । କମିଟିର ନିଷ୍ପତ୍ତି କ୍ରମେ ଓଡ଼ିଶା ବିଧାନସଭା ପକ୍ଷରୁ ଚିଠା ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ପୂର୍ବରୁ ଏନ୍‌ଆଇସି ସଂସଦୀୟ ବ୍ୟାପାର ମନ୍ତ୍ରାଳୟରୁ ବିସ୍ତୃତ ପ୍ରକଳ୍ପ ବିବରଣୀର ନମୁନା ନକଲ ସଂଗ୍ରହ କରିବ ଓ ଏଥିରେ ପୂର୍ବରୁ ଗଚ୍ଛିତ ଥିବା ଆଇସିଟି ଯନ୍ତ୍ରପାତି ଏବଂ ସମ୍ବଳର ସଂପୂର୍ଣ୍ଣ ବିନିଯୋଗ କରାଯିବ । ବିଭିନ୍ନ ଯନ୍ତ୍ରପାତିର ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣୀ ଓ ଉପଲବ୍ଧତାକୁ ଆଖିରେ ରଖି ବିସ୍ତୃତ ପ୍ରକଳ୍ପ ବିବରଣୀର ବୈଷୟିକ ତର୍ଜମା କରାଯିବ । ରାଜ୍ୟ ଅଂଶ, ମାନବସମ୍ବଳ, ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ଦୃଷ୍ଟିରେ ରଖି ବିସ୍ତୃତ ପ୍ରକଳ୍ପ ବିବରଣୀକୁ ସୂଚନା ପ୍ରଯୁକ୍ତି ବିଭାଗ/ରାଜ୍ୟ ସରକାରଙ୍କ ଦ୍ୱାରା ତର୍ଜମା କରାଯିବ । ସଂସଦୀୟ ମନ୍ତ୍ରାଳୟର ସୁପାରିଶକୁ ଭିତ୍ତି କରି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଏନ୍‌ଇଭିଏ କାର୍ଯ୍ୟକାରୀ କମିଟି ବିସ୍ତୃତ ପ୍ରକଳ୍ପ ବିବରଣୀର ଅନୁମୋଦନ ଓ କାର୍ଯ୍ୟାନ୍ୱୟନ କରିବ । ବର୍ତ୍ତମାନ ଚିଠା ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ଜାରି ରହିଛି ।

## ପୌର କାର୍ଯ୍ୟାଳୟକୁ ଘେରାଉ କଲା ବିଜେପି

ଜୟପୁର, ୧୩।୬ (ନି.ପ୍ର.): ଜୟପୁର ନଗର ବିଜେପି ତରଫରୁ ପୌର ପରିଷଦ କାଯ୍ୟାଳୟ କୁ ଘେରାଉ କରାଯାଇଛି । ନଗର ସଭାପତି ଅମର ଲାଲ ଆହୁଜାଙ୍କ ନେତୃତ୍ୱରେ ଶାତାଧିକ ମହିଳା ପୁରୁଷ ଆସି ପୌରପରିଷଦ କୁ ଘେରାଉ କରାଯାଇ ବିକ୍ଷୋଭ କରାଯାଇଥିଲା । ଏନେଇ କାଯ୍ୟନିବାହି ଅଧିକାରି ଗୋପିନାଥ ସାରକାଙ୍କୁ ଦାବି ପ୍ରଦାନ କରାଯାଇଛି । ଜୟପୁର ସହରର ଭୁମିହୀନ ଲୋକଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବା ପାଇ ଯେଉଁ ସର୍ଭେ କରାଯାଇଥିଲା ସେହି ଆଧାରରେ ପ୍ରାୟ ୪ ହଜାର ଲୋକଙ୍କୁ ଘର ପଟ୍ଟା ପ୍ରଦାନ କରିବା କଥା, କିନ୍ତୁ ବ ମାନ ସୁଦ୍ଧା ମାତ୍ର ୧୨ଶହ ଲୋକଙ୍କୁ ଘରପଟ୍ଟା ଯୋଗାଦିଆଯାଇଛି । ତେଣୁ ତୁରନ୍ତ ଘର ପଟ୍ଟା ପ୍ରଦାନ କରାଯାଉ ଓ ସହରରେ ବାସ କରୁଥିବା ସମସ୍ତ ଯୋଗ୍ୟ ହିତାଧିକାରିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦିଆଯାଉ ।

## ଆଳି ଥାନା ହେପାଜତରୁ ଚୋର ଫେରାର

ଆଳି, ୧୩।୬ (ନି.ପ୍ର.ୱ ବୁଧବାର ରାତିରେ ଚାରିଜଣ ଦୃବୃର୍ତ୍ତ ଆଳି ଥାନା ଅନ୍ତର୍ଗତ ଗୋପାଳ ରାୟପୁର ଶାସନ ଗ୍ରାମର ସୌମ୍ୟ ରଞ୍ଜନ ସାହୁଙ୍କ ମୋଟର ସାଇକଲ ଚୋରି କରିନେଇ ଯାଉଥିବା ସମୟରେ ଗାଡି ମାଲିକ ଦେଖି ଚୋରମାନଙ୍କ ପିଛା କରି ସିଙ୍ଗିରି ବଜାର ପର୍ଯ୍ୟନ୍ତ ଯାଇଥିଲେ । ରାସ୍ତାରେ ବରଯାତ୍ରୀଙ୍କୁ ଛାଡି ଫେରୁଥିବା ବ୍ୟାଣ୍ଡ ପାର୍ଟିଙ୍କ ସହଯୋଗରେ ଚୋର ମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ୩ ଜଣ ଦୁବୃର୍ତ୍ତ ପଳାୟନ କରିଥିଲେ ହେଁ ମୁଖ୍ୟ ଆସାମିକୁ ମଟର ସାଇକଲ ସହିତ ଧରି ଗୋପାଳ ରାୟପୁର ଶାସନକୁ ଆଣିଥିଲେ । ଗୋପାଳ ରାୟପୁର ଶାସନ ଗ୍ରାମର ଜନୈକ ବ୍ୟକ୍ତି ସହଦେବ ପରିଡା ଓ ତାଙ୍କ ଗ୍ରାମ ପଂଚାୟତର ସେପଂଚଙ୍କୁ ସାଙ୍ଗରେ ଧରି ଆଳି ଥାନାରେ ପହଁଚାଇ ଘଟଣାର ସମ୍ବନ୍ଧରେ ଜଣାଇଥିଲେ ।

ଥାନାର କର୍ମଚାରିଙ୍କ କହିବା ମୁତାବକ ଦୁବୃର୍ତ୍ତଙ୍କୁ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥାନାରେ ଜିମା ଦେଇଥିଲେ । ଚୋର ପିନ୍ଧା ପୋଷାକରୁ ମିଳିଥିବା ଭୋଟର ପରିଚୟ ପତ୍ରରୁ ସେ କିରଣ ସେଠୀ ପି- ଦିଗବିଜୟ ସେଠୀ, ଗ୍ରାମ ବଡମୂଳୁବସନ୍ତ, ଥା- ପଟ୍ଟାମୁଣ୍ଡାଇ ବୋଲି ଜଣାପଡିଛି । ଉକ୍ତ ଘଟଣାର ତଦନ୍ତ ପୂର୍ବରୁ ଦୁବୃର୍ତ୍ତ ଜଣଙ୍କ ଥାନା କର୍ମଚାରୀଙ୍କୁ ଚକମା ଦେଇ ଥାନା ପରିସରରୁ ଚମ୍ପଟ ମାରି ଥିଲେ । ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ଆଳି ଥାନା ଅଧିକାରୀ ସଲିଲ ପ୍ରଧାନଙ୍କ ତତ୍ୱାବଧାନରେ ଶୈଳ ପାଣିଗ୍ରାହୀ ଓ ଭଗବାନ ମାଝି ଏବଂ ଥାନାର ପ୍ରାୟ ସମସ୍ତ କର୍ମଚାରୀ ସଦଳବଳେ ଯାଇ ଦୁବୃର୍ତ୍ତଙ୍କ ଘର ଉପରେ ଚଢାଉକରି ତାକୁ ପୁନର୍ବାର କାବୁ ପରିବାରେ ସମର୍ଥ ହୋଇଥିଲେ । ଯାହାଦ୍ୱାରା ଆଳିର ସମସ୍ତ ବର୍ଗ ମାନେ ଥାନା ଅଧିକାରୀଙ୍କୁ ବାହା ବାହା କହି ତାଙ୍କ ସାହାସିକତା ପାଇଁ ଧନ୍ୟବାଦ ଦେଇଥିଲେ ।

## ୩ ରଥର ୩୩ କଣଗୁଜ ସରିଲା



ପୁରୀ ,୧୩/୬ (ନି.ପ୍ର.): ଶ୍ରୀନଗର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ । ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ମହାରଣା, ରୁପକାର, ଭୋଇ , କମାର ଓ କରତି ସେବକମାନେ କାମରେ ବ୍ୟସ୍ତ ରହିଛନ୍ତି । ଶ୍ରୀକ୍ଷେତ୍ର ଭଉଁରିରେ ୩ଟି ରଥର ଦୁଇଟି ଲେଖାଁଏ ଚକ ଅଖଡେରା ନୀତି ସମ୍ପନ୍ନ ହେବା ପରେ ଚକ ତିଆରି ଆରମ୍ଭ ହୋଇଥିଲା । ଇତି ମଧ୍ୟରେ ମୋଟ ୪୨ଟି ଚକ ତିଆରି ସରିଛି । ରଥଖଳା ବାହାରେ ଦଣ୍ଡାହଣା କାମ ଚାଲିଛି । ମଙ୍ଗଳବାର ୩ଟି ରଥର ଆଉ ଦୁଇଟି ଲେଖାଁଏ ଚକ ଅଖ ଡେରା ହେବ । ଏ ନେଇ ପ୍ରସ୍ତୁତି ଶେଷ ପଯ୍ୟାଁୟରେ ପହଂଚିଛି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି । ସେପଟେ ରଥଖଳାରେ ଗରଗରା ତିଆରି ଚାଲିଛି । ରୁପକାରମାନେ ଖୋଦେଇ କରୁଛନ୍ତି । ସୋମବାର ସୁଦ୍ଧା ୩ଟି ରଥର ୩୩ଟି କଣଗୁଜ ସରିଛି । ଆସନ୍ତା ସପ୍ତାହକ ମଧ୍ୟରେ କଣଗୁଜ କାମ ଶେଷ ହୋଇଯିବ ବୋଲି ନନ୍ଦିଘୋଷ ରଥ ରୁପକାର ସେବକ ରାଜେନ୍ଦ୍ର ମହାପାତ୍ର କହିଛନ୍ତି । ଏହାପରେ ସିହାଂସନ, ନାଟ ଗୋଟ ଏବଂ ପରଭା କାମ ଆରମ୍ଭ ହେବ । ଦୋଳବେଦି କୋଣରେ କମାର ସେବକମାନେ ଲୁହାକଂଟା ତିଆରି ଏବଂ କରତି ସେବକମାନେ ଗଳୟ କାଠ ଚିରଟରେ ବ୍ୟସ୍ତ ରହିଛନ୍ତି ।

## ପିତୃଦିବସ ଉପଲକ୍ଷେ ଡାଲମିଆ ସିମେଣ୍ଟ୍‌ର 'ଘର ଏକ ସନ୍ଦୁକ' ଅଭିଯାନ




ଭୁବନେଶ୍ୱର, ୧୩।୬ (ନି.ପ୍ର.): ଦେଶର ଅଗ୍ରଣୀ ସିମେଣ୍ଟ ନିର୍ମାତା ଡାଲମିଆ ଭାରତ ସିମେଣ୍ଟ ପକ୍ଷରୁ ସାମାଜିକ ଗଣ ମାଧ୍ୟମ ରେ ଭାବପ୍ରବଣତାରେ ଭରପୁର ଘର ଏକ ସନ୍ଦୁକ ଅଭିଯାନ ଆରମ୍ଭ ହୋଇଛି । ପରିବାରରେ ଗଢି ଉଠିଥିବା ପିତା ଓ ସନ୍ତାନ ସନ୍ତତି ମନଙ୍କ ମଧ୍ୟରେ ସଂପର୍କକୁ ଏହି ଫିଲ୍ମରେ ପ୍ରାଧାନ୍ୟ ଦିଆଯାଇଛି । ଏଥିରେ ଘରକୁ ନେଇ ସ୍ମୃତି ଓ ଭବିଷ୍ୟତକୁ ଏପରି ଚିତ୍ରଣ କରାଯାଇଛି ଯେ ପ୍ରତ୍ୟେକ ଗୃହନିର୍ମାଣକାରୀ ନିଜସ୍ୱ ଘରକୁ ନେଇ ଆଶାବାଦୀ ଓ ଗର୍ବିତ ହୋଇପାରିବ । ଡାଲମିଆ ସିମେଣ୍ଟର ଡିଜିଟାଲ ଏଜେନ୍ସି କ୍ରିଏଟିଭ ଷ୍ଟ୍ରିଟ ଦ୍ୱାରା ପରିକଳ୍ପିତ ଓ ଗୋଇଙ୍ଗ ରଗ ଫିଲ୍ମ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମ ଡାଲମିଆ ସିମେଣ୍ଟର ବ୍ରାଣ୍ଡ ଆଦର୍ଶ "ଦିଲ ଯୋଡେ, ଦେଶ ଯୋଡେ" ପ୍ରତିଫଳିତ ହୋଇଛି ।

ଏହି ଫିଲ୍ମରେ ଜଣେ ପୁତ୍ରର ପିଲାଦିନର ଅନୁଭୂତି ଓ ପିତାଙ୍କ ସହ ସମ୍ପର୍କ କୁ ବ୍ୟାଖ୍ୟା କରାଯାଇଛି । ପରବର୍ତି ସମୟରେ ସେହି ପୁତ୍ର ଏକ କନ୍ୟାର ଜନକ ହେବା ପରେ ସବୁ ପୁରୁଣା ଅନୁଭୂତି ଓ ସଂପର୍କ ସେହି ଏକା ଘରେ ପୁର୍ନଜିବିତ ହୋଇଯାଇଛି । ଏଥିରେ ନିଜସ୍ୱ ଗୃହରେ ଗଢିଉଠିଥିବା ଦୃଢ ପାରିବାରିକ ସଂପର୍କ, ସିରକ୍ଷା ଓ ଆନନ୍ଦକୁ ନିଖୁଣ ଭାବରେ ଚିତ୍ରଣ କରାଯାଇ ପିତାଙ୍କୁ ଶକ୍ତି ଓ ଘରକୁ ସ୍ୱପ୍ନ ଓ ସଂପର୍କର ଗୁପ୍ତଧନ ଭାବରେ ବ୍ୟାଖ୍ୟା କରାଯାଇଛି ।

ଡାଲମିଆ ସିମେଣ୍ଟର ମାର୍କେଟିଂ ନିର୍ଦ୍ଦେଶକ ଶ୍ରୀ ପ୍ରମେଶ ଆର୍ଯ୍ୟ କହିଛନ୍ତି "ଡାଲମିଆ ସିମେଣ୍ଟ ସର୍ବଦା ଗ୍ରାହକଙ୍କ ସହ ଗଭୀର ସଂପର୍କ ସ୍ଥାପନ କରିଥାଏ । ଗୃହ ଉଭୟ ଆର୍ଥିକ ଓ ଆବେଗ ପୂର୍ଣ୍ଣ ପ୍ରତିଶ୍ରୁତି ଆଣିଦେଇଥାଏ । ଏହି ଅଭିଯାନ ଦ୍ୱାରା ଆମେ ଦେଶ ଗଠନ ରେ ଗୃହର ଭୂମିକା ଉପରେ ଗୁରୁତ୍ୱ ଦେଉଛୁ । ଏହି ଅଭିଜାନ ସମସ୍ତ ପିତାଙ୍କୁ ସମର୍ପିତ ଯିଏ ଡାଲମିଆ ସିମେଣ୍ଟ ପରି ସୁଦୃଢ ଘର ଏବଂ ସନ୍ତାନ ସନ୍ତତି ମାନଙ୍କ ସହ ଅତୁଟ ସଂପର୍କ ଗଢି ପାରିଛନ୍ତି । ଏହି ଫିଲ୍ମ ପରିବାରର ସୃତି ଓ ଅନୁବୁତି କୁ ସମ୍ମାନ ଦେଉଛି ।"




ଭଗବାନ ସାହୁ
ଜଗତସିଂହପୁର

ରଜ
ଉପଲକ୍ଷେ
ସମସ୍ତ
ଜଗତସିଂହପୁରବାସୀଙ୍କୁ
ହାର୍ଦ୍ଦିକ
ଅଭିନନ୍ଦନ ।





ରଜ ଉପଲକ୍ଷେ ସମସ୍ତ
ଜଗତସିଂହପୁର
ଜିଲ୍ଲାବାସୀଙ୍କୁ ଗୋପାଳ
ସାଗର ସାଇ ପରିବାର
ପକ୍ଷରୁ ହାର୍ଦ୍ଦିକ
ଅଭିନନ୍ଦନ ।

ସୁକାନ୍ତ କୁମାର ଲେଙ୍କା
ଗୋପାଳ ସାଗର, ଜଗତସିଂହପୁର



ଚିତ୍ତରଞ୍ଜନ ଜେନା
ନିର୍ବାହୀ ଅଧିକାରୀ
ଜଗତସିଂହପୁର

ରଜ ଉପଲକ୍ଷେ
ସମସ୍ତ
ଓଡ଼ିଶାବାସୀଙ୍କୁ
ହାର୍ଦ୍ଦିକ
ଅଭିନନ୍ଦନ ।





Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**